ସାପ୍ତାହିକ
Postal Regd. No.: SBP/14/2019-2021
# ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.25 | Issue - 31 | 29 August - 4 September 2021 | Sambalpur | Page-12 | Invitation Price Rs.10

# ୨୫ ବର୍ଷ କ୍ଷମତାରେ ଥାଇ ମଧ୍ୟ ନବୀନ ପଟ୍ଟନାୟକ ବଦଳି ନାହାନ୍ତି: ନୀତିଶ

## କଥା କମ୍, କାମ ବେଶୀ ନବୀନଙ୍କ ଆଦର୍ଶ

ସମ୍ବଲପୁର : ସମୟ ବଦଳିଲେ ବା କ୍ଷମତା ପାଇଲେ ଲୋକମାନେ ବଦଳି ଯାଆନ୍ତି । ମାତ୍ର ନବୀନ ପଟ୍ଟନାୟକ ବୋଧହୁଏ ଏକମାତ୍ର ରାଜନୈତିକ ବ୍ୟକ୍ତିତ୍ୱ ଯିଏ ୫୦ ବର୍ଷ ବୟସରେ ଯେମିତି ଥିଲେ ଆଜି ବି ସେମିତି ଅଛନ୍ତି । ଗତ ୨୦ ବର୍ଷରେ କେବଳ ସମୟ ବଦଳିଛି, ମାତ୍ର ନବୀନ ବଦଳି ନାହାନ୍ତି । ତାଙ୍କର ଚୁମ୍ବକୀୟ ଓ ଆକର୍ଷଣୀୟ ବ୍ୟକ୍ତିତ୍ୱ ଆଜି ବି ଚକ୍‌ମକ୍ କରୁଛି । ରାଜ୍ୟ ରାଜନୀତିରୁ ଜାତୀୟ ରାଜନୀତି ପର୍ଯ୍ୟନ୍ତ ନବୀନ ପ୍ରଭାବ ବିସ୍ତାର କରିଛନ୍ତି । କଥା କମ୍, କାମ ବେଶୀ ନୀତିକୁ ନିଜ ରାଜନୈତିକ ଜୀବନର ଆଦର୍ଶ କରି ନିଜକୁ ସମ୍ପୂର୍ଣ୍ଣ ଭାବରେ ରାଷ୍ଟ୍ରୀୟ ହିତ ଓ ସ୍ୱାର୍ଥ ନିମନ୍ତେ ଉତ୍ସର୍ଗ କରି ଦେଇଛନ୍ତି । ସମୟ ତାଙ୍କୁ ଜଣେ ପୋଖତ ରାଜନେତା ସହ ବିପର୍ଯ୍ୟୟ ମୁକାବିଲା, କ୍ରୀଡ଼ା ବିକାଶ ବିଶେଷଜ୍ଞରେ ପରିଣତ କରିଛି । ଦେଶର ଅନ୍ୟତମ ବରିଷ୍ଠ ନେତା ତଥା 'ସୁଶାସନ ବାବୁ' ଭାବରେ ପରିଚିତ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର 'ଇଣ୍ଡିଆ ଟୁଡେ' ର ଏକ ଆଲେଖ୍ୟରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏମିତି ପ୍ରଶଂସା କରିଛନ୍ତି । ଆଲେଖ୍ୟରେ ନୀତୀଶ କହିଛନ୍ତି ଯେ ନବୀନ ପଟ୍ଟନାୟକଙ୍କ ସହ ମୋର ସମ୍ପର୍କ ଦୀର୍ଘ ଓ ଏକାନ୍ତ ବ୍ୟକ୍ତିଗତ । ବିଭିନ୍ନ ଦୃଷ୍ଟିରୁ ସେ ଜଣେ ଭିନ୍ନ ଧରଣର ରାଜନେତା । ଗରିବ ଓ ଅବହେଳିତ ଲୋକଙ୍କ ଉନ୍ନତି ପାଇଁ ତାଙ୍କର ଦୂରଦୃଷ୍ଟି, ବିକାଶକୁ ନେଇ ତାଙ୍କର ଆଭିମୁଖ୍ୟ ଏବଂ ସାଂସ୍କୃତିକ ପରମ୍ପରା ପ୍ରତି ତାଙ୍କର ସମ୍ମାନ ସର୍ବଦା ପ୍ରଶଂସିତ ହୋଇ ଆସିଛି । ଯେତେବେଳେ ସେ ରାଜନୀତିକୁ ଆସିଲେ ସେତେବେଳେ ତାଙ୍କର ପରିଚୟ ସମ୍ମାନନୀୟ ବିଜୁ ବାବୁଙ୍କ ପୁଅ ଭାବେ ଥିଲା । ମାତ୍ର ସମୟକ୍ରମେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି । ସାଧାରଣତଃ ଲୋକେ ସମୟ ଓ ଦକ୍ଷତା ସହ ବଦଳି ଯାଆନ୍ତି, ମାତ୍ର ନବୀନ ବଦଳି ନାହାନ୍ତି । ୫୦ ବର୍ଷ ବୟସରେ ମୁଁ ନବୀନଙ୍କୁ ଯେମିତି ଦେଖିଥିଲି ଏବେ ମଧ୍ୟ ସେମିତି ଦେଖୁଛି । ରାଜ୍ୟ ଏବଂ ଦେଶ ପ୍ରତି ସେ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ନୀତିଶ ଉଲ୍ଲେଖ କରିଛନ୍ତି ।

ରାଜନୀତିରେ ନବୀନ ଏତେମାତ୍ରାରେ କିପରି ସଫଳ ତାହା ଲୋକମାନେ ପଚାରିଥାନ୍ତି ମାତ୍ର ତାଙ୍କ ସଫଳତାର ସୂତ୍ର ଅତି ସାଧାରଣ । ଏହି ସାଧାରଣ ସୂତ୍ର କିନ୍ତୁ ସମସ୍ତେ କାର୍ଯ୍ୟରେ ପରିଣତ କରିପାରନ୍ତି ନାହିଁ । ନିର୍ବାଚନ ଜିତିବାକୁ ସେ କେବେ ରାଜନୀତି କରି ନାହାନ୍ତି । ସାରା ଓଡ଼ିଶା ହେଉଛି ତାଙ୍କ ପରିବାର ଓ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ସେ କାମ କରି ଚାଲିଛନ୍ତି ଯାହା ତାଙ୍କ ଜଣେ ଅପରାଜେୟ ରାଜନେତାର ମାନ୍ୟତା ଦେଇଛି । ସେ ନିର୍ବାଚନ ପରେ ନିର୍ବାଚନ ଜିତି ଚାଲିଛନ୍ତି । ପଞ୍ଚମ ପାଳି ନିର୍ବାଚନରେ ସେ ନିଜର ପରିବାର ଭାବୁଥିବା ରାଜ୍ୟବାସୀଙ୍କୁ ଗୋଟିଏ ପଦ କଥା ପଚାରିଥିଲେ 'ଆପଣମାନେ ଖୁସି ତ ?' ଆଉ ଏହି ପଦଟି କଥା ହିଁ ତାଙ୍କୁ ଓ ତାଙ୍କ ଦଳକୁ ବିପୁଳ ସଫଳତା ଦେଇଥିଲା ବୋଲି ନୀତିଶ କହିଛନ୍ତି ।




୨୦୦୦ ମସିହାରେ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ସମୟରେ ଓଡ଼ିଶା କଠିନ ସମୟ ଦେଇ ଗତି କରୁଥିଲା । ବିଗତ ଦୁଇ ଦଶନ୍ଧି ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ଭାବେ ଓଡ଼ିଶା ବିପର୍ଯ୍ୟୟକୁ ସାମ୍ନା କରିବାରେ ଦୀର୍ଘ ରାସ୍ତା ଅତିକ୍ରମ କରି ଆସିଛି । ବାତ୍ୟା ମୁକାବିଲା କ୍ଷେତ୍ରରେ ନବୀନଙ୍କ ପାରଙ୍ଗମତା ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ଷେତ୍ରରେ ପ୍ରଶଂସା ଲାଭ କରିଛି । ସେହିପରି କ୍ରୀଡ଼ା ଏବଂ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଅଭିବୃଦ୍ଧି ହାରକୁ ମଧ ବଜାୟ ରଖିପାରିଛି । ଇତିହାସ ତାଙ୍କୁ ଜଣେ ଭଦ୍ର, ଆତ୍ମବିଶ୍ୱାସରେ ପୂର୍ଣ୍ଣ ଏବଂ ପ୍ରତିବଦ୍ଧତା ଓ ଆଦର୍ଶଯୁକ୍ତ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଭାବେ ମନେ ରଖିବ ବୋଲି ସେ ଉଲ୍ଲେଖ କରିଛନ୍ତି ।

ଜାତୀୟ ରାଜନୀତିରେ ଏକଦା ବିଜୁ ପଟ୍ଟନାୟକ ଥିଲେ 'କିଙ୍ଗ ମେକର' । ଏବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶକୁ ବିଭିନ୍ନ ସମୟରେ ବିଭିନ୍ନ ପ୍ରସଙ୍ଗରେ ଦିଗ ଦର୍ଶନ ଦେଇ ଆସୁଛନ୍ତି । ଯାହା ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଜାତୀୟସ୍ତରର ନେତାମାନେ ପ୍ରଶଂସା କରିଥିବା ଦୃଷ୍ଟାନ୍ତ ରହିଛି । କୋଭିଡ୍ ମୁକାବିଲା ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଜାତୀୟ ସ୍ୱାର୍ଥ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ଯେପରି ସମର୍ଥନ ଜଣାଇଛନ୍ତି ସାଧାରଣ ଜନତା ଓ ରାଜ୍ୟର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ଅନ୍ୟ ରାଜ୍ୟ ସରକାରଙ୍କ ସ୍ୱରକୁ ମଧ ଜାତୀୟସ୍ତରରେ ଉଠାଇବାରେ ସକ୍ଷମ ହୋଇଛନ୍ତି । ଏକ ସନ୍ତୁଳିତ ରାଜନୈତିକ ବ୍ୟକ୍ତିତ୍ୱ ଭାବରେ ପରିଚିତ ନବୀନ ଏଥିପାଇଁ ଦେଶରେ ପ୍ରିୟ ।

# ସମ୍ବଲପୁର ଦୂରଦର୍ଶନ କେନ୍ଦ୍ରକୁ ପଙ୍ଗୁ କରିବା ଚକ୍ରାନ୍ତ ବିରୋଧରେ ତୀବ୍ର ଅସନ୍ତୋଷ





ସମ୍ବଲପୁର : ଦେଶର ପୁରାତନ ଦୂରଦର୍ଶନ କେନ୍ଦ୍ର ମଧ୍ୟରେ ଅନ୍ୟତମ ସମ୍ବଲପୁର ଦୂରଦର୍ଶନ କେନ୍ଦ୍ରକୁ ପଙ୍ଗୁକରି ବନ୍ଦ କରିବାକୁ ହେଉଥିବା ଉଦ୍ୟମ ଯୋଗୁଁ ସାରା ପଶ୍ଚିମ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଦଳମତ ନିର୍ବିଶେଷରେ ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦଙ୍କ ସମେତ କଳାକାରମାନେ ଏହାର ଦୃଢ଼ ବିରୋଧ କରିଛନ୍ତି । କେନ୍ଦ୍ର ସରକାର ଏଥିରୁ ବିରତ ନ ରହିଲେ ଜୋର ଦାର ଆନ୍ଦୋଳନ କରାଯିବାକୁ ମଧ ସ୍ଥାନୀୟ ବହୁ ଅନୁଷ୍ଠାନ ଓ ନେତୃବୃନ୍ଦ ଧମକ ଦେଇଛନ୍ତି ।

ସମ୍ବଲପୁର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପଶ୍ଚିମ ଓଡ଼ିଶା ଲୋକ କଳାକାର ମହାସଂଘ ପକ୍ଷରୁ ପଦ୍ମଶ୍ରୀ ହଳଧର ନାଗ, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ବରଗଡ଼ ଧନୁଯାତ୍ରା କଂସ ମହାରାଜ ଭୁବନେଶ୍ୱର ପ୍ରଧାନ ପ୍ରମୁଖଙ୍କ ସହ ଶତାଧିକ ଲୋକ କଳାକାର ପାରମ୍ପରିକ ଢ଼ୋଲ, ଦୁଲଦୁଲି ଓ ନିଶାଣ ବାଦ୍ୟ ତାଳରେ ଅଭିନବ ଢ଼ଙ୍ଗରେ ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ବିକ୍ଷୋଭରେ ସାଂସଦ ସୁରେଶ ପୂଜାରୀ, ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ଜିଲ୍ଲା ଓକିଲ ସଂଘ ସଭାପତି ଡକ୍ଟର ପ୍ରମୋଦ ରଥ ସାମିଲ ହୋଇ ଅତିରିକ୍ତ ଜିଲ୍ଲାପାଳ ପଦ୍ମନାଭ ବେହେରା ଓ ଦୁରଦର୍ଶନ କେନ୍ଦ୍ର ଭାରପ୍ରାପ୍ତ ମୁଖ୍ୟ ଆର.କେ ଭୋଇଙ୍କ ଜରିଆରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ମନ୍ତ୍ରୀ ଅନୁରାଗ ଠାକୁର, ପ୍ରସାର ଭାରତୀ ମହାନିର୍ଦ୍ଦେଶକଙ୍କୁ ପୂର୍ଣ୍ଣାଙ୍ଗ ଦୁରଦର୍ଶନ କେନ୍ଦ୍ର ଦାବିରେ ସ୍ମାରକପତ୍ର ପ୍ରଦାନ କରିଥିଲେ । ବିଶିଷ୍ଟ ଲୋକ କଳାକାର ସୁରଥ ବେହେରା, ଶଙ୍କର ପ୍ରଧାନ, ରଞ୍ଜନ ସାହୁ, ଦୁର୍ଗା ପ୍ରସାଦ ଦାଶ, ମୋହିତ ସ୍ୱାଇଁ, ପ୍ରଫୁଲ୍ଲ ହୋତା, ଭୋଳା ମହନ୍ତ, ଭାରତ ଗୌରବ ଦାଶ, କୃଷ୍ଣଚନ୍ଦ୍ର ବାଗ, ଭବାନୀ ଶଙ୍କର ଭୋଇ, ପଙ୍କଜିନୀ ମେହେର, ତର୍ପଣ ପ୍ରଧାନ, ସ୍ୱାଧୀନ ପଣ୍ଡା, ରତନ ପୂଜାରୀ, ସରୋଜ ଦାଶ ପ୍ରମୁଖଙ୍କ ସହ ଶତାଧିକ କଳାକାର ସାମିଲ ହୋଇଥିଲେ ।

ଜିଲ୍ଲା ଓକିଲ ସଂଘ ପକ୍ଷରୁ ମଧ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁରଙ୍କ ନିକଟକୁ ଏକ ପତ୍ର ମାଧମରେ ୧୯୭୮ ମସିହାରେ ପ୍ରତିଷ୍ଠିତ ସମ୍ବଲପୁର ଦୂରଦର୍ଶନ କେନ୍ଦ୍ରକୁ ବନ୍ଦ ନ କରି ଏହାର ଭିତ୍ତିଭୂମି ବିକାଶ କରିବା ସାଙ୍ଗକୁ ଖାଲି ଥିବା ପଦ ପୂରଣ କରିବା ପାଇଁ ଦାବି କରାଯାଇଛି ।

ସେହିପରି ବିଜୁ ଯୁବ ଛାତ୍ର ଜନତା ପକ୍ଷରୁ ଏହି ଦାବି କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଧାରଣାରେ ଅନ୍ୟାନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ଜିଲ୍ଲା ବିଜେଡି ସଭାପତି ସିଦ୍ଧାର୍ଥ ଦାସ, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ସମ୍ପାଦକ ମନୋଜ ମହାପାତ୍ର, ଯୁଗ୍ମ ସଂପାଦକ ଧର୍ମରାଜ ମରେଇ, ଜିଲ୍ଲା ଯୁବ ସଭାପତି ଲକ୍ଷ୍ମୀପ୍ରସାଦ ମହାପାତ୍ର, ଅଶୋକ ସେନାପତି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

୧୯୭୮ ମସିହାରେ ସମ୍ବଲପୁର ଦୂରଦର୍ଶନ କେନ୍ଦ୍ର ଦେଶର ଅଷ୍ଟମ ଦୂରଦର୍ଶନ କେନ୍ଦ୍ର ଭାବରେ ତତ୍କାଳୀନ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଲାଲକୃଷ୍ଣ ଆଡ଼ଭାନୀଙ୍କ ଦ୍ୱାରା ଉଦ-ଘାଟିତ ହୋଇଥିଲା । ଏହି କେନ୍ଦ୍ର ପ୍ରତିଷ୍ଠା ହେବା ଦିନଠାରୁ ପୂର୍ଣ୍ଣାଙ୍ଗ ଷ୍ଟୁଡିଓ ଭିତ୍ତିକ କେନ୍ଦ୍ର କରିବାର ଯୋଜନା ରହିଥିଲା । ମାତ୍ର ଏ ପର୍ଯ୍ୟନ୍ତ ଏହି କେନ୍ଦ୍ର ଭିତ୍ତିଭୂମି ବିକାଶ କରିବା ବଦଳରେ ଏଠାରେ ମଞ୍ଜୁରୀପ୍ରାପ୍ତ ୧୫ଟି କାର୍ଯ୍ୟକ୍ରମ ପ୍ରସ୍ତୁତି ପଦରିକ୍ତ ହୋଇ ଯାଇଛି । ଏପରିକି ସମ୍ପ୍ରତି ଗ୍ରେଡ ୨ କ୍ୟାମେରାମ୍ୟାନଙ୍କୁ ମଧ ବଦଳି କରି ଦିଆଯାଇଛି । ମାତ୍ର ରିଲିଭର କିମ୍ବା ବିକଳ୍ପ ବ୍ୟବସ୍ଥା କରାଯାଇ ନାହିଁ ।

## ଏ ସଂଖ୍ୟାରେ..


ରକ୍ତହୀନତା ଦୂର କରେ ଖଜୁରି


ଦୈନିକ ବାଇଗଣ ଖାଇବା ଭଲ


ସାଇନସ୍ ସମସ୍ୟା ଦୂର କରେ କଞ୍ଚା ଲଙ୍କା


ସୁସ୍ୱାସ୍ଥ୍ୟ ପାଇଁ ଖାଆନ୍ତୁ ଫଳ


ତରଭୁଜର ଉପକାରିତା

# ଜିଏମ୍‌ୟୁ ଦ୍ୱିତୀୟ କ୍ୟାମ୍ପସର ଶିଳାନ୍ୟାସ

ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଫାଟକ ରେଲଷ୍ଟେସନ ନିକଟରେ ଥିବା କ୍ୟାମ୍ପସରେ ସମସ୍ତ ବିଭାଗ ଓ ଅନ୍ୟ କାର୍ଯ୍ୟ ସକାଶେ ସ୍ଥାନ ପର୍ଯ୍ୟାପ୍ତ ହେଉ ନଥିବାରୁ ସରକାର ବସନ୍ତପୁର ବଡ଼ସିଂଘାରୀରେ ଦ୍ୱିତୀୟ କ୍ୟାମ୍ପସ ପାଇଁ ଜମି ଦେଇଛନ୍ତି । ଏହି ୬୭ ଏକର ପରିମିତ ଜମିରେ ଜିଏମୟୁର ଦ୍ୱିତୀୟ କ୍ୟାମ୍ପସ ହେବ । ଏଥି ସକାଶେ ହସ୍ତାନ୍ତର ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ଥିବା ବେଳେ



ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ସକାଶେ ବଡ଼ସିଂଘାରୀରେ କୁଳପତି ପ୍ରଫେସର ଏନ. ନାଗରାଜୁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର ଓ କୁଳସଚିବ ଡକ୍ଟର ମାନସ ପୂଜାରୀଙ୍କ ସହ ପ୍ରଫେସର ଶଙ୍କର ପ୍ରସାଦ ପତି, ପ୍ରଫେସର କାଳିଦାସ ମିଶ୍ର, ଡକ୍ଟର କାମଦେବ ସାହୁ ଉପସ୍ଥିତ ଥିବାବେଳେ ଆଭାସି ମାଧମରେ ଜିଏମୟୁର ପ୍ରଥମ କୁଳପତି ପ୍ରଫେସର ସୁଧାଂଶୁ ଶେଖର ରଥ, ପୂର୍ବତନ କୁଳପତି ସ୍ମିତା ଦେବୀ, ପୁରନ୍ଦର ଧରୁଆ ଓ ଗିରିଶଚନ୍ଦ୍ର ସିଂହ ଯୋଗ ଦେଇଥିଲେ । ବିଶ୍ୱବିଦ୍ୟାଳୟ କୁଳସଚିବ ଯୁଗଳେଶ୍ୱରୀ ଦାଶ, ଉପକୁଳସଚିବ ଡକ୍ଟର ଉମାଚରଣ ପତି, ସ୍ନାତକୋତ୍ତର ବିଭାଗ ସମୂହ ଅଧକ୍ଷ ପ୍ରଫେସର ମହିନ ମହମ୍ମଦ, ଚିଫ ୱାର୍ଡେନ ଡକ୍ଟର ସିକତା ପଣ୍ଡା, ସିଓଏଫ କନକଲତା ଏକ୍କା, ଡକ୍ଟର ଶ୍ୟାମାଚରଣ ଆଚାର୍ଯ୍ୟ, ଡକ୍ଟର ହେମକୁମାର ନାୟକ, ଡକ୍ଟର ସଚ୍ଚିଦାନନ୍ଦ ମହାପାତ୍ର ବଡ଼ସିଂଘାରୀରେ ଉପସ୍ଥିତ ଥିଲେ । ଅଧାପକ ଅଧାପିକା, ପୁରାତନ ଓ ବର୍ତ୍ତମାନର ଛାତ୍ରଛାତ୍ରୀ ଅନଲାଇନରେ ଯୋଗ ଦେଇଥିଲେ । ପୋଲିସ ହାଉସିଂ ବୋର୍ଡ ପ୍ରକଳ୍ପ ମ୍ୟାନେଜର ଭାସ୍କରନ୍ ପିଲାଇ ଓ ତାଙ୍କ ଦଳ ଉପସ୍ଥିତ ଥିଲେ । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ଓ ଛାତ୍ରଛାତ୍ରୀଙ୍କ ପାଇଁ ସ୍ଥାନ ପର୍ଯ୍ୟାପ୍ତ ହେଉ ନଥିବାରୁ ବଡ଼ ସିଂଘାରୀରେ କୋଠା ନିର୍ମାଣ ପରେ ବିଜ୍ଞାନ ବିଭାଗ ଗୁଡିକୁ ସେଠାକୁ ସ୍ଥାନାନ୍ତରିତ କରାଯିବାକୁ ଯୋଜନା ରହିଛି । ଏହାସହ ବିଜ୍ଞାନ ଲାବୋରେଟୋରୀ ଗୁଡିକ ପୁରୁଣା ହୋଇଯାଇଥିବା ବେଳେ ଦ୍ୱିତୀୟ କ୍ୟାମ୍ପସରେ ନୂତନ ତଥା ଅତ୍ୟାଧୁନିକ ଲାବୋରେଟୋରୀ ନିର୍ମାଣ କରାଯିବ । ଯୁଗପଯୋଗୀ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧିତ ନୂତନ ପାଠ୍ୟକ୍ରମ ମଧ ଆରମ୍ଭ କରାଯିବାକୁ ପ୍ରସ୍ତାବ ରହିଛି । ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁସା)ରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟକୁ ୫୫ କୋଟି ଟଙ୍କାର ଅନୁଦାନ ମିଳିଥିବା ବେଳେ ଏହାର ଅର୍ଦ୍ଧାଧିକ ଅଂଶ ଦ୍ୱିତୀୟ କ୍ୟାମ୍ପସରେ ନୂତନ କୋଠା ନିର୍ମାଣରେ ବ୍ୟବହାର କରାଯିବ ବୋଲି ଜଣାପଡିଛି । ଏବେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କ୍ୟାମ୍ପସର ପାଚେରୀ ନିର୍ମାଣ ପାଇଁ ୨.୧୧ କୋଟି ଟଙ୍କା ପ୍ରଦାନ କରାଯାଇଛି । ଓଡ଼ିଶା ରାଜ୍ୟ ପୁଲିସ ଗୃହ ଓ ମଙ୍ଗଳ କର୍ପୋରେସନ ଏହି କ୍ୟାମ୍ପସର ପାଚେରୀ କାନ୍ଥ ନିର୍ମାଣ କରିବା ଆରମ୍ଭ କରିଛନ୍ତି । ଏହା ଆସନ୍ତା ଚାରି ମାସ ମଧରେ ସମ୍ପୂର୍ଣ୍ଣ କରାଯିବ ବୋଲି ଜଣାପଡିଛି ।

## ଜିଏମୟୁରେ ତୁଳସୀ ଦାସ ଜୟନ୍ତୀ

ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗ ପକ୍ଷରୁ ତୁଳସୀ ଦାସ ଜୟନ୍ତୀରେ 'ବର୍ତ୍ତମାନ ସମୟ ଓ ତୁଳସୀ ଦାସ' ଶୀର୍ଷକ ଏକ ରାଷ୍ଟ୍ରୀୟ ୱେବିନାର ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ଏନ୍.ନାଗାରାଜୁ ଏହାର ଉଦଘାଟନ କରି ତୁଳସୀ ଦାସଙ୍କ ପରି ମହାକବି କୌଣସି ଏକ ନିର୍ଦ୍ଦିଷ୍ଟ ଭାଷାର କବି ନୁହନ୍ତି, ତାଙ୍କ ଚର୍ଚ୍ଚା ଭାଷାର ଉର୍ଦ୍ଧ୍ୱରେ ହେବା କଥା ବୋଲି କହିଥିଲେ । ଏଥିରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ସଦାନନ୍ଦ ଶାହା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ତୁଳସୀ ଦାସ ଧର୍ମର ନୂଆ ପରିଭାଷା ସୃଷ୍ଟି କରିଥିବା କହିଥିଲେ । ଧର୍ମକୁ ବିକ୍ରୀ କରୁଥିବା ଲୋକଙ୍କ ବିରୋଧ କରିବାକୁ ଯାଇ ସେ ନିଜ କବିତା ମାଧମରେ ସଜ୍ଜନ ଓ ଦୁର୍ଜନ ମଧରେ ପାର୍ଥକ୍ୟ ଦର୍ଶାଇଥିଲେ । ବର୍ତ୍ତମାନ ବିଶ୍ୱରେ ଯେମିତି ଅରାଜକତା ଓ ଅସ୍ଥିରତା ଲାଗି ରହିଛି ତୁଳସୀ ଦାସଙ୍କ ରଚନା ବେଶ ପ୍ରାସଂଗିକ ବୋଲି ସେ କହିଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗ ସଂଯୋଜକ ଡକ୍ଟର ମୁରାରୀ ଲାଲ ଶର୍ମା ବିଶ୍ୱର ଅଧିକାଂଶ ଭାଷାରେ ତୁଳସୀ ଦାସଙ୍କ ରଚନା ଅନୁବାଦିତ ହେବା ଗୌରବର ବିଷୟ ବୋଲି ମତ ଦେଇଥିଲେ । ପଞ୍ଚାୟତ ମହାବିଦ୍ୟାଳୟ ବରଗଡ଼ର ପୂର୍ବତନ ଅଧକ୍ଷା ଡକ୍ଟର କମଳପ୍ରଭା କପାନୀ, ମହିଳା ମହାବିଦ୍ୟାଳୟ ହିନ୍ଦୀ ବିଭାଗ ମୁଖ୍ୟ ଡକ୍ଟର ଜୟନ୍ତ କର ଶର୍ମା ତୁଳସୀ ଦାସଙ୍କ ରଚନା ସଂପର୍କରେ ଆଲୋଚନା କରିଥିଲେ । ଜିଏମୟୁ ହିନ୍ଦୀ ବିଭାଗ ମୁଖ୍ୟ ଡକ୍ଟର ସଦନ କୁମାର ପାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ୱେବିନାରରେ ଉପକୁଳସଚିବ ଡକ୍ଟର ଉମାଚରଣ ପତି ସ୍ୱାଗତ ଭାଷଣ ଦେଇଥିଲେ । କୁଳସଚିବ ଯୁଗଳେଶ୍ୱରୀ ଦାଶ, ପିଜି କାଉନସିଲ ଅଧକ୍ଷ ପ୍ରଫେସର ମୋହିନ ମହମ୍ମଦ ଉପସ୍ଥିତ ଥିଲେ । ଡକ୍ଟର ପ୍ରଣତି ବେହେରା ସହଯୋଗ କରିଥିଲା ବେଳେ ଡକ୍ଟର ଦାଶରଥୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## କବିତା ପୁସ୍ତକ 'ପ୍ରଜାପତିର ଆକାଶ' ଲୋକାର୍ପିତ



ସମ୍ବଲପୁର : ସରକାରୀ ମହିଳା ମହାବିଦ୍ୟାଳୟରେ କବି ଗିରିଜା ଶଙ୍କର ଶର୍ମାଙ୍କ କବିତା ପୁସ୍ତକ 'ପ୍ରଜାପତିର ଆକାଶ' ଲୋକାର୍ପିତ ହୋଇଛି । ପୁସ୍ତକରେ ୬୧ଟି କବିତା ରହିଛି । ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କ ଅଧକ୍ଷତାରେ ପୁସ୍ତକକୁ ଲୋକାର୍ପଣ କରାଯାଇଛି । ପ୍ରଫେସର ଜୟନ୍ତୀ କରଶର୍ମା ଓ ଯୋଗେଶ ଚନ୍ଦ୍ର ଭୋଇ କବିତା ସମୀକ୍ଷା କରିଥିଲେ । ପ୍ରଫେସର କରଶର୍ମା ୩୦ଟି ଓ ଶ୍ରୀ ଭୋଇ ୩୧ଟି କବିତାର ସମୀକ୍ଷା କରିଥିଲେ । ନିମନ୍ତ୍ରିତ ଅତିଥି ଭାବେ ଗଣେଶ ରାମ ନାହାକ ଯୋଗ ଦେଇଥିଲେ । ସେହିଭଳି କବି ଗିରିଜା ଶଙ୍କର ଶର୍ମା, ଅଧାପିକା ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ ଏବଂ ପ୍ରଫେସର ନୌବିହାରୀ ପ୍ରଧାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲା । ଏହାସହ ମହାବିଦ୍ୟାଳୟର ଅନ୍ୟ ଅଧାପକ, ଅଧାପିକା ଉତ୍ସବରେ ଉପସ୍ଥିତ ଥିଲେ ।

## ବର୍ଜ୍ୟବସ୍ତୁ ପ୍ରକଳ୍ପ ଶୁଣାଣିକୁ ବିରୋଧ

ଝାରସୁଗୁଡ଼ା : ଲଖନପୁର ଠାରେ ହେବାକୁ ଥିବା ପ୍ରସ୍ତାବିତ ବର୍ଜ୍ୟବସ୍ତୁ ପରିଚାଳନା, ସଂରକ୍ଷଣ ଓ ନିଷ୍କାସନ ପ୍ରକଳ୍ପ ଶୁଣାଣି ସ୍ଥାନୀୟ ଲୋକଙ୍କ ତୀବ୍ର ବିରୋଧ ଯୋଗୁଁ ସ୍ଥଗିତ ହୋଇଛି । ଲଖନପୁର ତହସିଲ ଅଧିନରେ ହାଇଦ୍ରାବାଦର ରାମଜି ଏନଭିରୋ ସର୍ଭିସେସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ୬୫ ଏକର ଜମିରେ ଏହି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଭାରତ ସରକାରଙ୍କ ପରିବେଶ ଜଙ୍ଗଲ ଏବଂ ଜଳବାୟୁ ମନ୍ତ୍ରଣାଳୟ ଦ୍ୱାରା ପରିବେଶ ମଞ୍ଜୁରୀ ଲାଗି ଲଖନପୁର ସମଲେଶ୍ୱରୀ ଖେଳ ପଡିଆରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନ ଶୁଣାଣି ଆୟୋଜନ କରାଯାଇଥିଲା । ତେବେ ଦଳମତ ନିର୍ବିଶେଷରେ ସମସ୍ତେ ବିରୋଧ କରିବାରୁ ଏହାକୁ ସ୍ଥଗିତ ରଖାଯାଇଛି । ଲଖନପୁର ବ୍ଲକ ଜୁନିଏଲ ଗ୍ରାମ ନିକଟରେ ଥିବା ୬୫ ଏକର ଜଙ୍ଗଲ ଜମି ଉପରେ ଶିଳ୍ପ ବର୍ଜ୍ୟ ପରିଚାଳନା ପାଇଁ ଯୋଜନା ଥିବା ଓ ଜଙ୍ଗଲ କାଟି ଏହି ପ୍ରକଳ୍ପ ପ୍ରତିଷ୍ଠା ଲାଗି ଯୋଜନା ଥିବାରୁ ସ୍ଥାନୀୟ ଲୋକମାନେ ତୀବ୍ର ବିରୋଧ କରିଛନ୍ତି । କାରଣ ଏହି ଜଙ୍ଗଲ ଉପରେ ସ୍ଥାନୀୟ ଲୋକମାନେ ନିର୍ଭରଶୀଳ ଥିବାରୁ ପୂର୍ବରୁ ଜଙ୍ଗଲ କାଟି ନ ଦେବା ପାଇଁ ଜୁନିଏନ ଓ ବାଣ୍ଡିପାହାଡ଼ ଜଙ୍ଗଲ ସୁରକ୍ଷା ସମିତି ଗଛରେ ରାକ୍ଷୀ ବାନ୍ଧି ସଂକଳ୍ପ ନେଇଥିଲେ । ଉକ୍ତ ଘରୋଇ ସଂସ୍ଥା ଏଠାରେ ପ୍ରକଳ୍ପ ସ୍ଥାପନ କରି ବର୍ଜ୍ୟବସ୍ତୁ ପରିଚାଳନା କରିବା ଯୋଜନା କରିଛି । ଏହାଦ୍ୱାରା ଉକ୍ତ ଜଙ୍ଗଲରେ ଥିବା ବହୁମତ ମୂଲ୍ୟବାନ ଗଛ ଧ୍ୱଂସ ହେବା ସହିତ ପରିବେଶ ଉପରେ ତାର କୁପ୍ରଭାବ ପଡିବ ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିବା ସହ ଜନ ଶୁଣାଣିକୁ ବିରୋଧ କରିଛନ୍ତି । ଏହି ଜନ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଉପ ଜିଲ୍ଲାପାଳ ଶିବ ଟପ୍ପୋ, ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ହିରଣ୍ମୟ କୁମାର ନାୟକ, ଲଖନପୁର ତହସିଲଦାର ଓ ବିଡିଓ ଉପସ୍ଥିତ ଥିଲେ । ସେହିପରି ଆଇନ ଶୃଙ୍ଖଳା ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ମୁତୟନ ଥିଲେ ।

## ଏନ.ଏସ୍.ସି.ବି ମହାବିଦ୍ୟାଳୟରେ ଗଙ୍ଗାଧର ଜୟନ୍ତୀ

ସମ୍ବଲପୁର : ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟରେ ଗଙ୍ଗାଧର ଜୟନ୍ତୀ ପାଳିତ ହୋଇଯାଇଛି । ଅଧକ୍ଷ ଶ୍ୟାମ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅନଲାଇନ କାର୍ଯ୍ୟକ୍ରମରେ ବିଶିଷ୍ଟ ଲେଖକ ଡକ୍ଟର ଛାୟାକାନ୍ତ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗଙ୍ଗାଧରଙ୍କୁ ବିଶ୍ୱର ଅନ୍ୟତମ ମହାକବି ଆଖ୍ୟା ଦେଇଥିଲେ । ପ୍ରାଧାପକ ମୃତ୍ୟୁଞ୍ଜୟ ରଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଗଙ୍ଗାଧରଙ୍କୁ ବିସ୍ମୟ ପ୍ରତିଭା ଆଖ୍ୟା ଦେଇ ତାଙ୍କ ସାହିତ୍ୟ ବିଶ୍ୱର ଯେ କୌଣସି ସାହିତ୍ୟ ସହ ତୁଳନୀୟ ବୋଲି କହିଥିଲେ । ଛାତ୍ର ସୌରଭ ଷଡ଼ଙ୍ଗୀ କବିଙ୍କ ବନ୍ଦନା 'ଜୟ ଜଗଦୀଶ ହରେ' ଗାନ କରିଥିଲେ । ଡକ୍ଟର ରଘୁମଣି ନାୟକ ଏବଂ ଶ୍ରଦ୍ଧାମୟୀ ପୁରୋହିତ ଅତିଥି ପରିଚୟ, ହରିହର ମଲ୍ଲିକ ପ୍ରାରମ୍ଭିକ ସୂଚନା ଓ ମେଞ୍ଜା ପୂର୍ତ୍ତି ଧନ୍ୟବାଦ ଦେଇଥିଲେ ।

## ମେହେର ଆସୋସିଏସନ ପକ୍ଷରୁ ଗଙ୍ଗାଧର ଜୟନ୍ତୀ

ସମ୍ବଲପୁର : ଓଡିଶାର ସର୍ବ ପୁରାତନ କ୍ରୀଡା ଅନୁଷ୍ଠାନ ମେହେର ଆସୋସିସନ୍ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୦ତମ ଜୟନ୍ତୀ ପାଳିତ ହୋଇଛି । ଅନୁଷ୍ଠାନର ସଭାପତି କୃଷ୍ଣ ପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ସଦସ୍ୟମାନେ ଫଟୋରେ ମାଲ୍ୟାର୍ପଣ କରି ଗଙ୍ଗାଧରଙ୍କ ଉପରେ ଆଲୋଚନା କରିଥିଲେ । ଏଥିରେ ଅନୁଷ୍ଠାନର ବହୁ ସଦସ୍ୟ ଉପସ୍ଥିତ ରହିଥିଲେ ।

# ଭାଗବତ /// ଉଦ୍ଧବାଗମନ ପ୍ରସଙ୍ଗ

ଉଦ୍ଧବ ଥିଲେ ଜ୍ଞାନୀ। ହେଲେ ପ୍ରେମଲକ୍ଷଣ, ଭକ୍ତିର ମହିମା ବିଷୟରେ ସେ ଥିଲେ ଅଜ୍ଞ। ବିନା ଗୁରୁକୃପାରେ ପ୍ରାପ୍ତ ହୋଇଥିବା ଜ୍ଞାନ ବିବେକ ଯୁକ୍ତ ହୋଇପାରେ ନାହିଁ। ଗୁରୁକୃପା ବିନା ଯେ ପ୍ରତ୍ୟକ୍ଷ ଜ୍ଞାନ ଲାଭ କରିଥାଏ ତାକୁ ଅଭିମାନ ଘୋଟିଯାଏ। ଉଦ୍ଧବଙ୍କର ଦଶା ଠିକ୍ ଏହିଭଳି ଥିଲା। ତେଣୁ ଭଗବାନ କୃଷ୍ଣଚନ୍ଦ୍ର ତାଙ୍କୁ ଉପଦେଶ ଦେବାକୁ ଇଚ୍ଛାକରିଥିଲେ।

ଉଦ୍ଧବ କହିଲେ, ଠିକ୍ ଅଛି। ପିଲାଦିନେ ଆପଣ ଗୋପାଳବାଳକଙ୍କ ସହିତ ଖେଳୁଥିଲେ। ହେଲେ ଏବେ ତ ଆପଣ ମଥୁରାର ରାଜା। ଜଣେ ରାଜାଙ୍କୁ ଗୋପବାଳକଙ୍କ ସହିତ ଖେଳିବା କଦାପି କ'ଣ ଶୋଭନୀୟ ହୋଇପାରେ? ଆପଣ ବ୍ରଜ ଓ ବ୍ରଜର ସମସ୍ତ ସ୍ମୃତି ଯଦି ଭୁଲିଯାଆନ୍ତେ, ତେବେ ମଥୁରାର ଐଶ୍ୱର୍ଯ୍ୟ ଆପଣଙ୍କ ଆନନ୍ଦଦାୟୀ ହୋଇଯାଆନ୍ତା।

ଜ୍ଞାନାଭିମାନୀ ଉଦ୍ଧବ ଏ କଥା ଜାଣିନାହାନ୍ତି ଯେ ସେ ଉପଦେଶ ପ୍ରକୃତରେ କାହାକୁ ଦେଉଛନ୍ତି।

ଉଦ୍ଧବଙ୍କର ଏପରି କଥା ଶୁଣି ଶ୍ରୀକୃଷ୍ଣ କହିଲେ- 'ଆରେ ଉଦ୍ଧବ! ତୁମେ ମୋତେ ବ୍ରଜକୁ ଭୁଲି ଯିବା ପାଇଁ କହୁଛ? ମୁଁ ସବୁକଥା ଭୁଲିଯାଇ ପାରେ, ହେଲେ ବ୍ରଜକୁ କଦାପି ଭୁଲି ପାରିବି ନାହିଁ। ପ୍ରେମ ଅନନ୍ୟ ହୋଇଥାଏ। ହଁ, ବ୍ରଜକୁ ଭୁଲିଯିବାର ଗୋଟିଏ ଉପାୟ ଅଛି। ଯଦି ସେମାନେ ମୋତେ ଭୁଲି ଯାଆନ୍ତେ ତେବେ ମୁଁ ସେମାନଙ୍କୁ ଭୁଲିଯାଆନ୍ତି।

'ଉଦ୍ଧବ! ତୁମେ ବ୍ରଜକୁ ଯାଅ। ବ୍ରଜବାସୀଙ୍କୁ ବେଦାନ୍ତ ଉପଦେଶ ଦିଅ। ଆଉ ମୋତେ ସେମାନେ ଯେପରି ଭୁଲି ଯାଆନ୍ତି ତାର ବ୍ୟବସ୍ଥା କରି ଆସ। ଯଦି ସେମାନେ ମୋତେ ଭୁଲି ଯିବେ, ତେବେ ମୁଁ ନିଶ୍ଚୟ ସେମାନଙ୍କୁ ଭୁଲିଯିବି। ସଂସାରର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟ ତ୍ୟାଗକରି ସେମାନେ କେବଳ ମୋ ପାଇଁ ହିଁ ଜୀବନଧାରଣ କରି ରହିଛି। ଫେରିଯିବା ପାଇଁ ମୁଁ ସେମାନଙ୍କୁ କଥା ଦେଇଛି। ମୋତେ ଅପେକ୍ଷା କରି ସେମାନେ ଯାହା ଜୀବନ ଧାରଣ କରି ରହିଛନ୍ତି। ତୁମେ ତାଙ୍କୁ ଯଥାଯୋଗ୍ୟ ଉପଦେଶ ଦେଇ ନିରାକାର ବ୍ରହ୍ମର ଉପାସକ କରିଦେଇ ଆସ। ସେପରି କଲେ ସେମାନେ ମୋତେ ହୁଏତ ଭୁଲିଯିବେ ଓ ମୁଁ ସେମାନଙ୍କୁ ବି ଭୁଲିଯିବି।

ମୋହ ଏକପକ୍ଷୀୟ ହୋଇଥାଏ, ମାତ୍ର ପ୍ରେମ ପାରସ୍ପରିକ ହୋଇଥାଏ, ଅନନ୍ୟ ହୋଇଥାଏ।

ଭକ୍ତିହୀନ ଜ୍ଞାନୀ ବାଚାଳ ହୋଇଥାଏ। ଭକ୍ତି ଯୁକ୍ତ ଜ୍ଞାନୀ ମୌନ ରହି ଅଧ୍ୟୟନ ରତ ରହିଥାଏ।

ଉଦ୍ଧବଙ୍କ ପାଖରେ ଜ୍ଞାନ ଥିଲା, ହେଲେ ଭକ୍ତି ନ ଥିଲା।

ଉଦ୍ଧବ କହିଲେ, 'ମୋତେ ସେଠାକୁ ପଠାଇବା ବଦଳରେ ପ୍ରତି ସପ୍ତାହରେ ଆପଣ ଗୋଟିଏ ଗୋଟିଏ ଚିଠି ପଠାନ୍ତୁ। ସେମାନେ ଭଲ ମନ୍ଦ ଆପଣଙ୍କ ପାଖକୁ ବି ଲେଖି ପଠାଇବେ। ଏହିଭଳି ପତ୍ର ବ୍ୟବହାର ମାଧ୍ୟମରେ ପ୍ରତ୍ୟକ୍ଷ ମିଳନ ଭଳି ଆନନ୍ଦ ମିଳିପାରିବ।

ପ୍ରତ୍ୟକ୍ଷ ମିଳନ ପତ୍ର ମାଧ୍ୟମରେ କଦାପି ସମ୍ଭବ ହୋଇପାରେ କି? ଇଚ୍ଛା ଅନୁସାରେ ପ୍ରେମ ସମ୍ବୋଧନ ପତ୍ରରେ ବ୍ୟକ୍ତ କରାଯାଇ ପାରେ କି? ପତ୍ର ଲେଖିବା ବେଳେ ଅନେକ ମର୍ଯ୍ୟାଦା ବାଧକ ରୂପେ ଉପସ୍ଥିତ ହୋଇଯାଏ।

ଉଦ୍ଧବଙ୍କର ପ୍ରେମତତ୍ତ୍ୱ ଉପରେ ଆଦୌ ଅଭିଜ୍ଞତା ନ ଥିଲା। ଉଦ୍ଧବ କିମିତି ଜାଣିବେ ଯେ ଶ୍ରୀକୃଷ୍ଣ ଓ ଗୋପୀ ହେଉଛି ଏକ ଓ ଅଭିନ୍ନ। ତେଣୁ ସେ ପତ୍ର ଲେଖିବା ପାଇଁ ମତ ପ୍ରକାଶ କରିଛନ୍ତି। କାରଣ ଉଦ୍ଧବ ପ୍ରେମର ରହସ୍ୟ ଇ ଜାଣନ୍ତି ନାହିଁ।

ଉଦ୍ଧବଙ୍କର ଏପରି ପରାମର୍ଶରେ ଶ୍ରୀକୃଷ୍ଣ କହିଲେ, ମୁଁ ଅନେକଥର ପତ୍ର ଲେଖିବା ପାଇଁ ବସିଛି, ଚେଷ୍ଟା କରିଛି, ହେଲେ ଲେଖିପାରି ନାହିଁ। କ'ଣ ଲେଖିବି ଯେ? ଗୋଟିଏ ଚିଠି ଫର୍ଦ୍ଦରେ ମାତାର ବ୍ୟାକୁଳତାକୁ ଧୈର୍ଯ୍ୟ ଦେବି କିପରି? ସେ ମୋତେ ଦେଖିଥିବ ତା ନିଜ ହାତରେ ଖୋଇ ଦେଉଥିବ, ମୋ ମୁହଁକୁ ପୋଛି ଦେଉଥିବ, ସେଥିରେ ସେ ସନ୍ତୋଷ ଲାଭକରେ।

ଯଶୋଦାମାତାଙ୍କ ପାଖକୁ ଅନେକ ଥର ପତ୍ର ଦେବା ପାଇଁ ଶ୍ରୀକୃଷ୍ଣ ଚେଷ୍ଟା କରିଛନ୍ତି। ହେଲେ ପତ୍ର ପଢ଼ି ମା' ଅଧିକ ବ୍ୟସ୍ତ ହୋଇଉଠିବେ ଏପରି ଭାବି ସେ ପତ୍ର ଦେଇ ନାହାନ୍ତି। ସୁଖ ବଦଳରେ ଦୁଃଖ ବଢ଼ିବ। ତେଣୁ ପତ୍ର ଦେବାଟା ଉଚିତ ହେବ ନାହିଁ। ଏପରି ଭାବନା କରୁ କରୁ ଶ୍ରୀକୃଷ୍ଣଙ୍କ ଆଖି ଜକେଇ ଆସେ।

ପ୍ରେମର ଭାଷା ସ୍ୱତନ୍ତ୍ର। ଶବ୍ଦ ଓ ଭାଷାର ସୀମାର ବହୁ ଉର୍ଦ୍ଧ୍ୱରେ ପ୍ରେମର ଭାଷା ବ୍ୟବହାର ହୁଏ। ପ୍ରକୃତ ପ୍ରେମ ଗୋଟିଏ ହୃଦୟ ଆଉ ଗୋଟିଏ ହୃଦୟକୁ ହିଁ ଶୁଣାଇ ପାରେ। ଏପରି କଥା ଚିଠିରେ ବ୍ୟକ୍ତ ହୋଇପାରେ ନାହିଁ।

ଶ୍ରୀକୃଷ୍ଣ କହିଲେ, ଉଦ୍ଧବ! ମୁଁ କ'ଣ ଲେଖିବି କେମିତି ଲେଖିବି କିଛି ବୁଝିପାରୁ ନାହିଁ। ତେଣୁ ତୁମେ ବୃନ୍ଦାବନକୁ ଯାଅ, ଗୋପୀଙ୍କୁ ବ୍ରହ୍ମଜ୍ଞାନ ପ୍ରଦାନ କରି, ସେମାନଙ୍କୁ ଉତ୍ତମ ରୂପେ ବୁଝାଇ ଭୁଲାଇ ଦିଅ। ମୋ ମାତା ପିତାଙ୍କୁ ବି ସାନ୍ତ୍ୱନା ଦେଇ ଆସ।

'ହେ ଉଦ୍ଧବ! ଏଠାରେ ସମସ୍ତ ପ୍ରକାର ବୈଭବ ଅଛି। କିନ୍ତୁ କାହାର ହୃଦୟରେ ଶୁଦ୍ଧ ପ୍ରେମ ନାହିଁ। ଏଠାରେ କେଉଁଠି ହେଲେ ମୋତେ ଆନନ୍ଦ ମିଳୁନାହିଁ।

ଉଦ୍ଧବ ଭାବିଲେ, 'ସେ ଜଣେ ମହାନ ଜ୍ଞାନୀ, ତେଣୁ ତାଙ୍କୁ ବ୍ରଜକୁ ପଠାହେଉଛି। ସେ ପ୍ରକୃତରେ ଥିଲେ



ଜ୍ଞାନୀ, ଆଉ ତା ସହିତ ଅଭିମାନୀ ବି। ସେ ତେଣୁ କହିଲେ, ମହାରାଜ! ଆପଣଙ୍କ ପ୍ରସ୍ତାବରେ ମୋର କିଛି ଆପତ୍ତି ନାହିଁ, ହେଲେ ଗାଉଁଲି ଅପାଠୁଆ ଲୋକମାନେ ମୋ ଠାରୁ ବେଦାନ୍ତର ଗୂଢ଼ ରହସ୍ୟ ବୁଝିପାରିବେ ତ? ମୋ ବେଦାନ୍ତର ଚର୍ଚ୍ଚା ଗ୍ରାମୀଣ ଅପାଠୁଆ ଗୋପୀମାନେ ବୁଝିବେ କିପରି? ମୋର ତତ୍ତ୍ୱଜ୍ଞାନର ଉପଦେଶ ଅତି ଗହନ। ତେଣୁ ସେଠାକୁ ମୁଁ ଯିବା କେବଳ ନିରର୍ଥକ ହେବ ସିନା।

ଉଦ୍ଧବ ଯାହା କହିଲେ ସେ ସବୁ ତାଙ୍କର ନିଜର କଥା ନୁହେଁ, ଏ ସବୁ କଥା ସେତେବେଳେ ତାଙ୍କ ଜ୍ଞାନର ଅଭିମାନ ହିଁ ପ୍ରକାଶ କରିଥିଲା। ସେ ବୃହସ୍ପତିଙ୍କ ଶିଷ୍ୟ ଏବଂ ବେଦାନ୍ତର ଅଦ୍ୱିତୀୟ ଆଚାର୍ଯ୍ୟ ବୋଲି ତାଙ୍କର ମନରେ ଘୋର ଅଭିମାନ ଥିଲା।

ଗୋପୀମାନେ ଅପାଠୁଆ, ଆଉ ଗାଉଁଲି ଏପରି ଶବ୍ଦ ଉଦ୍ଧବ ଯାହା ବ୍ୟବହାର କରିଥିଲେ, ଶ୍ରୀକୃଷ୍ଣଙ୍କୁ ତାହା ଆଦୌ ଭଲ ଲାଗି ନାହିଁ। ସେ ଉଦ୍ଧବଙ୍କୁ କହିଲେ, 'ଉଦ୍ଧବ! ମୋ ଗୋପୀମାନେ ଅପାଠୁଆ ନୁହଁନ୍ତି, ସେମାନେ ଅତି ଜ୍ଞାନୀ, ଜ୍ଞାନୋତ୍ତର ଲୋକ। ସେମାନେ ଅଧିକ ଲେଖାପଢ଼ା ଜାଣି ନ ଥାଇ ପାରନ୍ତି। କିନ୍ତୁ ସେମାନେ ହେଲେ ଶୁଦ୍ଧ ପ୍ରେମର ଜ୍ଞାତା। ସେଥିପାଇଁ ତ ସେମାନେ ମୋତେ ପାଇ ପାରିଛନ୍ତି। ଆଉ ଅଧିକ କ'ଣ କହିବି?

ଗୋପୀଙ୍କର ମନ ନିରବଚ୍ଛିନ୍ନ ମୋ' ଠାରେ ହିଁ ଲାଗି ରହିଥାଏ। ସେମାନଙ୍କର ପ୍ରାଣ ହେଉଛି ମୁଁ ଓ ଜୀବନ ହେଉଛି ମୁଁ। ମୋ ପାଇଁ ସେମାନେ ପତି, ସନ୍ତାନ, ବନ୍ଧୁବାନ୍ଧବ ତ୍ୟାଗ କରି ଦେଇଛନ୍ତି। ସେମାନେ ମୋତେ ସେମାନଙ୍କର ଆତ୍ମାବୋଲି ମନେ କରନ୍ତି।

ଉଦ୍ଧବ! ମୋ ଗୋପୀମାନେ ଅପାଠୁଆ ହୋଇ ସୁଦ୍ଧା ପ୍ରେମର ମୂର୍ତ୍ତି ହୋଇ ପାରିଛନ୍ତି। ସେମାନେ ହେଉଛନ୍ତି ସ୍ନେହର ଜ୍ୟୋତି। ପ୍ରେମର ରୀତି ସେମାନଙ୍କୁ ଉତ୍ତମ ରୂପେ ଜଣା।

'ଉଦ୍ଧବ! ମୋ ଗୋପୀଙ୍କର ଜ୍ଞାନର ଆବଶ୍ୟକତା ଅଛି, ଆଉ ତୁମର ପ୍ରେମର ଭକ୍ତିର। ତେଣୁ ତୁମକୁ ସେଠାକୁ ଯିବାକୁ ହେବ।

କେବଳ ଜ୍ଞାନ ଦ୍ୱାରା ଅଥବା କେବଳ ଭକ୍ତି ଦ୍ୱାରା ମଣିଷ ପୂର୍ଣ୍ଣ ହୋଇପାରେ ନାହିଁ। ଜୀବନକାଳ ମଧ୍ୟରେ ଜ୍ଞାନ ଆଉ ଭକ୍ତି ଉଭୟର ସମନ୍ୱୟ କରି ପ୍ରେମମୟ ଜୀବନ ଜିଇ ପ୍ରଭୁଙ୍କୁ ପ୍ରାପ୍ତ ହେବା ଉଚିତ।

ଶଦ୍ଧ ଜ୍ଞାନୀ ନମ୍ର ହେବାକୁ କିଛି ସମୟ ଲାଗେ। ତା ହୃଦୟରେ ଜ୍ଞାନର ଅହମିକା ଥାଏ। ଅଭିମାନ ତାକୁ ନମ୍ର କରାଇ ଦିଏ ନାହିଁ। ବିନୟ ତା ସହିତ ସଦଗୁଣ ଆଣିଥାଏ, ଆଉ ଅଭିମାନ ଦୁର୍ଗୁଣ।

ଶ୍ରୀକୃଷ୍ଣ ଜାଣିଥିଲେ, ଅଭିମାନୀ ଉଦ୍ଧବ ଗୋପୀଙ୍କୁ ସ୍ୱାଗତ ସମ୍ବୋଧନ ବି କରିବେ ନାହିଁ। ବନ୍ଦନ ନ କଲେ କଲ୍ୟାଣ ହେବ କିପରି? ତେଣୁ ଗୋପୀଙ୍କୁ ବନ୍ଦନ କରିବା ପାଇଁ ସେ ଆଦେଶ ଦେଲେ।

ଉଦ୍ଧବଙ୍କର ଟିକିଏ ବୋଲି ଇଚ୍ଛା ନ ଥିଲା। ତେବେବି ଶ୍ରୀକଷ୍ଣଙ୍କ ଆଦେଶ ଅବମାନନା କରିହେବ ନାହିଁ। ତେଣୁ ଯିବା ପାଇଁ ସେ ପ୍ରସ୍ତୁତ ହେଲେ। ସେ କହିଲେ ଆପଣ କହୁଛନ୍ତି ଯଦି ମୁଁ ଯାଉଛି ନନ୍ଦ, ଯଶୋଦା ଆଉ ଗୋପୀଙ୍କୁ କିଛି ଉପଦେଶ ଦେଇ ଆସିବି।

ଶ୍ରୀକୃଷ୍ଣ କହିଲେ, ସେମାନଙ୍କୁ କହିବ, ସେମାନଙ୍କର କାହ୍ନୁ ସେମାନଙ୍କୁ ସବୁବେଳେ ମନେ ପକାଉଛି। ମାତାଙ୍କୁ କହିବ ମୋ ବିଚ୍ଛେଦରେ ସେ ଯେପରି ଆଉ ଅଧିକ ନ କାନ୍ଦନ୍ତି ହେଲା।

କହ୍ନେଇ ମଥୁରାକୁ ଯେଉଁଦିନ ଠାରୁ ଗଲେଣି ସେହି ଦିନଠାରୁ ଯଶୋଦା ଓ ନନ୍ଦ ଅନ୍ନର ଗୋଟିଏ ଦାନା ବି ମୁହଁରେ ଦେଇ ନାହାନ୍ତି। ସେମାନେ ଦୃଢ଼ ନିଶ୍ଚୟ କରିଛନ୍ତି- ଯେ ପର୍ଯ୍ୟନ୍ତ କହ୍ନେଇ ନ ଫେରିଛି ସେମାନେ ଦାନାଟିଏ ବି ଗ୍ରହଣ କରିବେ ନାହିଁ। ସେମାନଙ୍କୁ ନା ରାତିରେ ନିଦ ହେଉଛି ନା ଦିନରେ ଶାନ୍ତି।

ଶ୍ରୀକୃଷ୍ଣ ବିରହରେ ଜୀବନ ଯେତେବେଳେ ଆକୁଳିତ ହୋଇଯିବ, ବ୍ୟାକୁଳତା ଚରମସୀମାରେ ପହଞ୍ଚିବ, ଆଖିରୁ ଝରଝର ଲୁହ ନିଗିଡ଼ିବାରେ ଲାଗିବ ସେତେବେଳେ ମନର ସମସ୍ତ ମଳିନତା ଧୋଇ ହୋଇଯିବ। ବାହାରର ଜଳ ଶରୀରକୁ ଧୋଇଥାଏ। ବିରହାଶ୍ରୁ ହୃଦୟର ମଳିନତାକୁ ଧୋଇ ଶୁଦ୍ଧ, ପବିତ୍ର କରିଦିଏ।

ଯଶୋଦା ଭାବିବାରେ ଲାଗିଛନ୍ତି- କହ୍ନେଇ ଫେରିଲେ ତାକୁ ଖୁବ୍ ଗେଲ କରିବେ, କୋଳରେ ବସାଇ ପେଟେ ଖୋଇବେ। ସେ ଖାଇ ସାରିବା ପରେ ନିଜେ ଖାଇବେ। ଘରର ସମସ୍ତ ପ୍ରକାର ଆସବାବ ପତ୍ର ତାଙ୍କୁ କହ୍ନେଇଙ୍କ କଥା ମନେ ପକାଇ ଦେଉଥାଏ। ଏଇଥିରେ କାହ୍ନୁ ମିଶ୍ରି ଲବଣି ଖାଉଥିଲା। ଏଇ ଶେଯରେ ଶୋଇବାକୁ ତାକୁ ଭଲ ଲାଗୁଥିଲା, ଇତ୍ୟାଦି। ନନ୍ଦ ଯଶୋଦା ଏହିପରି କାହ୍ନୁ ଚିନ୍ତାରେ ଦିବସ ଅତିବାହିତ କରି ଦେଉଥିଲେ। ଆଉ ଅତି ଦୁଃଖିତ ହେଉଥିଲେ, ପରସ୍ପର ପରସ୍ପରକୁ ଆଶ୍ୱାସନା ଦେଉଥିଲେ।

## ନବଧା ଭକ୍ତିରେ ନିହିତ ଅଛି ସମସ୍ତ ସାଧନାର ସାର

ନବଧାଭକ୍ତି ଅନ୍ତର୍ଗତ ପ୍ରଥମ ଭକ୍ତିକୁ ସନ୍ଥଜନଙ୍କ ସହିତ ସତସଙ୍ଗ ରୂପେ ବର୍ଣ୍ଣନା କରାଯାଇଛି। ସାଧୁ, ସନ୍ଥ ଓ ଜ୍ଞାନୀଜନଙ୍କ ସତ୍ ସଙ୍ଗ ଦ୍ୱାରା ଆମର ଜଡଭାବ ଓ ପରମ୍ପରାଗତ ଅନ୍ଧବିଶ୍ୱାସ ଦୂର ହୋଇଥାଏ। କିଛି ଭିନ୍ନ ରୀତିରେ ନିଜକୁ ସୁବ୍ୟବସ୍ଥିତ କରି ଜୀବନ ଯାପନ କରିବା ନିମନ୍ତେ ଚେତନା ଜାଗ୍ରତ ହୋଇଥାଏ। ସତ୍ ସଙ୍ଗ ମଧ୍ୟରେ ପ୍ରଥମ ଶ୍ରେଣୀର ସତ୍ ସଙ୍ଗ ହେଉଛି ସତ୍ୟର, ପରମାତ୍ମାଙ୍କର ସଙ୍ଗଲାଭ। ସମାଧି ସ୍ଥିତିରେ ପରମସତ୍ତାଙ୍କ ସହିତ ଏକାତ୍ମତା ସ୍ଥାପିତ କରିବା ଦ୍ୱାରା ଯାହା ପ୍ରାପ୍ତ ହୁଏ, ତାକୁ ସର୍ବଶ୍ରେଷ୍ଠ ସତ୍ ସଙ୍ଗ ବୋଲି କୁହାଯାଇଛି। ଦ୍ୱିତୀୟ ପ୍ରକାର ସତ୍ ସଙ୍ଗ ଆତ୍ମ ସାକ୍ଷାତକାର ପାଇଥିବା ମହାପୁରୁଷ ମାନଙ୍କ ସହିତ କରାଯାଏ। ସେମାନେ ଏପରି ବ୍ୟକ୍ତି, ତାଙ୍କର ସାନିଧରେ ଆମ ଅନ୍ତଃକରଣରେ ଈଶ୍ୱରଙ୍କ ପ୍ରତି ଆଗ୍ରହ, ଜିଜ୍ଞାସା ସୃଷ୍ଟି ହେବାକୁ ଲାଗେ। ଆଜିକାଲି ଏପରି ବ୍ୟକ୍ତି କ୍ୱଚିତ୍ ଦେଖିବାକୁ ମଳନ୍ତି।

ସେଥିପାଇଁ ପୁସ୍ତକର ଆବିଷ୍କାର ମନୁଷ୍ୟର ସର୍ବୋତ୍ତମ ସଫଳତା। ଅନ୍ୟ କୌଣସି ବସ୍ତୁରେ ଏପରି ସ୍ଥାୟୀତ୍ୱ ନାହିଁ, ଯାହା ଚିର କାଳ ପାଇଁ ମାନବକୁ ଲାଭାନ୍ୱିତ କରିପାରିବ। ସଂସାର ଗୋଟିଏ ବିଷବୃକ୍ଷ, କିନ୍ତୁ ତାହାର ଦୁଇଟି ଫଳ ଅମୃତ ତୁଲ୍ୟ ଅଟେ। ଗୋଟିଏ ହେଉଛି କାବ୍ୟର ରସାସ୍ୱାଦନ, ଆଉ ଗୋଟିଏ ସଜ୍ଜନଙ୍କ ସହିତ ସତ୍ ସଙ୍ଗ। ବର୍ତ୍ତମାନ ସଜ୍ଜନଙ୍କ ସତ୍ ସଙ୍ଗ ମିଳିବା ବିରଳ। ଏହି ପରିସ୍ଥିତିରେ ବ୍ୟକ୍ତିତ୍ୱର ବିକାଶ ଆଉ ଜୀବନ ନିର୍ମାଣରେ କେବଳ ଗୋଟିଏ ହିଁ ମାର୍ଗ ଦେଖା ଦେଉଥାଏ। ତାହା ହେଲା ସତ୍ ସାହିତ୍ୟ ଅଧ୍ୟୟନ।

ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ

# ସମ୍ବାଦ ସୂତ୍ର ସୋସିଆଲ ମିଡ଼ିଆ

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ବି**ଶ୍ୱବ୍ୟାପୀ ଇଣ୍ଟରନେଟ ପ୍ରସାର ସହ ସମତାଳ ଦେଇ ସୋସିଆଲ ମିଡ଼ିଆର ଉପଭୋକ୍ତା ସଂଖ୍ୟା ବୃଦ୍ଧି ପାଉଥିବା ତଥା ସୋସିଆଲ ମିଡ଼ିଆ କ୍ରମଶଃ ସମ୍ବାଦ ପ୍ରସାରଣର ବିକଳ୍ପ ସୂତ୍ରଭାବେ ଗଣମାଧ୍ୟମ ପରିଧିରେ ଏକ ନୂତନ ସମୀକରଣ ସୃଷ୍ଟି କରିବାରେ ସମର୍ଥ ହୋଇଥିବା ଲକ୍ଷ୍ୟ କରାଯାଏ । ଖ୍ୟାତନାମା ଅନଲାଇନ ପରିସଂଖ୍ୟାନ ସଂସ୍ଥାନ 'ଷ୍ଟାଟିଷ୍ଟା ଡ଼ଟ କମ'ଆକଳନ ଅନୁଯାୟୀ ୨୦୨୨ ସୁଦ୍ଧା ଆନ୍ତର୍ଜାତିକ ସ୍ତରରେ ସୋସିଆଲ ମିଡ଼ିଆର ଉପଭୋକ୍ତା ସଂଖ୍ୟା ୩୯୬ କୋଟିରେ ପହଞ୍ଚିବ । ଯୁକ୍ତରାଷ୍ଟ୍ର ଆମେରିକା ଓ ଚୀନ ରାଷ୍ଟ୍ରଦ୍ୱୟ ସର୍ବାଧିକ ଉପଭୋକ୍ତା ଦାବି କରିବେ ।

ସୋସିଆଲ ମିଡ଼ିଆ ଉପଭୋକ୍ତା ସଂଖ୍ୟା ଗଣତିରେ ପ୍ରତ୍ୟେକ ମଞ୍ଚରେ ମାସକୁ ଅନ୍ତତଃ ଥରେ କିମ୍ବା ତାହାଠାରୁ ଅଧିକବାର ଉପସ୍ଥିତିକୁ ସଂପୃକ୍ତ ମଞ୍ଚର ସକ୍ରିୟ ଉପଭୋକ୍ତା କୁହାଯାଏ । ଆନ୍ତର୍ଜାତିକ ସ୍ତରରେ ସର୍ବାଧିକ ଉପଭୋକ୍ତା ଫେସବୁକ ମଞ୍ଚରେ ୨୮୫ କୋଟି ଉପସ୍ଥିତ ରହୁଥିବା ସ୍ଥଳେ କ୍ରମାନ୍ୱୟରେ ୟୁଟ୍ୟୁବରେ ୨୨୯ କୋଟି, ହ୍ୱାଟସଆପରେ ୨୦୦ କୋଟି, ଇନଷ୍ଟାଗ୍ରାମରେ ୧୩୮ କୋଟି, ଫେସବୁକ ମେସେଞ୍ଜରରେ ୧୩୦ କୋଟି, ଉଇ-ଚାଟରେ ୧୨୪ କୋଟି, ଟିକଟକରେ ୭୩ କୋଟି, କ୍ୟୂକ୍ୟୂରେ ୬୦ କୋଟି, ଦ୍ୟୁାନରେ ୬୦ କୋଟି, ଟେଲିଗ୍ରାମରେ ୫୫ କୋଟି, ସିନା ଉଇବାରେ ୫୩ କୋଟି, ସ୍ନାପଚାଟରେ ୫୧ କୋଟି ଓ କୁଆଇସାନରେ ୪୮ କୋଟି ଉପଭୋକ୍ତା ହିସାବ କରାଯାଏ ।

ଏହି ପରିସଂଖ୍ୟାନରେ ସମ୍ଭାବ୍ୟ ୩୯୬ କୋଟି ମୋଟ ଇଣ୍ଟରନେଟ ଉପଭୋକ୍ତାଙ୍କ ମଧରେ ୨୦୨୧ ପ୍ରଥମ ତ୍ରୟମାସ ସୁଦ୍ଧା ୨୮୯ କୋଟି ଫେସବୁକ ଉପଭୋକ୍ତା ଏହି ସୋସିଆଲ ମିଡ଼ିଆ ମଞ୍ଚର ଆଧିପତ୍ୟ ଜାହିର କରିଥାଏ । ଫେସବୁକ ୨୦୦୪ରେ ଆତ୍ମପ୍ରକାଶ କରି ୨୦୧୨ରେ ଶହେ କୋଟି ଉପଭୋକ୍ତା ସୀମା ଅତିକ୍ରମ କରିଥିଲା । ସର୍ବେକ୍ଷଣ ଅନୁଯାୟୀ ୨୦୨୧ ଏପ୍ରିଲ ସୁଦ୍ଧା ସର୍ବତ୍ର ଫେସବୁକ ମଞ୍ଚରେ ଉପଭୋକ୍ତାମାନେ ପ୍ରାୟତଃ ମୋବାଇଲ ଯୋଗେ ପହଞ୍ଚୁଥିବା ଜଣାଯାଇଥିଲା ।

ଅବଶ୍ୟ ଭାରତରେ ୨୦୦୬ରୁ ଫେସବୁକ ପ୍ରବେଶ କରିଥିଲେ ହେଁ ୨୦୦୯ରେ ପ୍ରସାରିତ ହ୍ୱାଟସଅପ ମଞ୍ଚ ସର୍ବାଧିକ ଉପଭୋକ୍ତା ଦାବି କରେ । ଦେଶର ସମଗ୍ର ଇଣ୍ଟରନେଟ ଉପଭୋକ୍ତାଙ୍କ ମଧରୁ ୩୪ ପ୍ରତିଶତ ହ୍ୱାଟସଅପ ବ୍ୟବହାର କରୁଥିବା ସ୍ଥଳେ ୩୨ ପ୍ରତିଶତ ଉପଭୋକ୍ତାଙ୍କ ଗହଣରେ ଭାରତରେ ଦ୍ୱିତୀୟ ସ୍ଥାନରେ ଫେସବୁକ ସ୍ଥାନୀତ । ନିର୍ବାଚନୀ ତଥ୍ୟ ସଂଗ୍ରହରେ ଅଗ୍ରଗଣ୍ୟ 'ଲୋକନୀତି' ଦ୍ୱାରା ୨୦୧୯ରେ ଆୟୋଜିତ ଗବେଷଣା ଅନୁଯାୟୀ ସୋସିଆଲ ମିଡ଼ିଆ ବ୍ୟବହାରରେ ତୃତୀୟ ସ୍ଥାନରେ ୟୁଟ୍ୟୁବରେ ୩୧ ପ୍ରତିଶତ, ଚତୁର୍ଥ ସ୍ଥାନରେ ଇନଷ୍ଟାଗ୍ରାମରେ ୧୫ ପ୍ରତିଶତ ଏବଂ ପଞ୍ଚମ ସ୍ଥାନରେ ଟ୍ୟୁଇଟରରେ ୧୨ ପ୍ରତିଶତ ଉପଭୋକ୍ତା ଉପସ୍ଥିତ ରହିଥିଲେ ।

ଭାରତରେ ୮୫ ପ୍ରତିଶତ ହ୍ୱାଟସଅପ, ୮୧ ପ୍ରତିଶତ ୟୁଟ୍ୟୁବ, ୭୨ ପ୍ରତିଶତ ଫେସବୁକ, ୬୦ ପ୍ରତିଶତ ଇନଷ୍ଟାଗ୍ରାମ ଏବଂ ୪୨ ପ୍ରତିଶତ ଟ୍ୟୁଇଟର ଉପଭୋକ୍ତା ଦୈନିକ ଭିତ୍ତିରେ ସଂପୃକ୍ତ ମଞ୍ଚଗୁଡ଼ିକୁ ବ୍ୟବହାର କରୁଥିବା ସ୍ୱୀକାର କରିଥିଲେ । ସୋସିଆଲ ମିଡ଼ିଆ ମଞ୍ଚରେ ସମ୍ବାଦ ପ୍ରସାରଣ ସଂପର୍କରେ ଆଲୋଚନା କଲା ବେଳେ ଏକ ପକ୍ଷରେ ୨୦୨୧ ସୁଦ୍ଧା ମୂଳସ୍ରୋତର ସମ୍ବାଦ ମଞ୍ଚଗୁଡ଼ିକ ତୁଳନାରେ ହ୍ୱାଟସଆପ, ଫେସବୁକ ଓ ୟୁଟ୍ୟୁବଭଳି ମଞ୍ଚରେ ଅଧିକ ସଂଖ୍ୟକ ଉପଭୋକ୍ତା ଉପସ୍ଥିତ । ଏହି କାରଣରୁ ସଂପୃକ୍ତ ମଞ୍ଚଗୁଡ଼ିକରେ ସମ୍ବାଦ ପ୍ରସାରଣ ପ୍ରଭାବଶାଳୀ ପ୍ରମାଣିତ । ଅପରପକ୍ଷରେ ୨୦୧୪ ରୁ ୨୦୧୮ ମଧରେ ସୋସିଆଲ ମିଡ଼ିଆ ମଞ୍ଚଗୁଡ଼ିକର ଉପଭୋକ୍ତା ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଥିବା ସ୍ଥଳେ ପରବର୍ତ୍ତୀ ପର୍ଯ୍ୟାୟରେ ହ୍ରାସ ପାଇଛି । ଅବଶ୍ୟ ୨୦୧୯ରେ ସମାଜର ଅବହେଳିତ ବର୍ଗ ଦଳିତ, ଜନଜାତି ଓ ମୁସଲମାନ ସଂପ୍ରଦାୟର ସୋସିଆଲ ମିଡ଼ିଆ ଉପଭୋକ୍ତା ସଂଖ୍ୟାରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି ।

ସମ୍ବାଦ ସୂତ୍ରଭାବେ ସୋସିଆଲ ମିଡ଼ିଆର ବିକାଶ ପର୍ଯ୍ୟାଲୋଚନାରେ ଏହି ଦୁଇ ଦିଗ ଗୁରୁତ୍ୱ ବହନ କରିଥାଏ । ଏକ ସୁବିସ୍ତୃତ ମଞ୍ଚ ଆୟୋଜନ ଏବଂ ସେଥିରେ ଅବହେଳିତ ବର୍ଗଙ୍କ ଯୋଗଦାନ ସୋସିଆଲ ମିଡ଼ିଆରେ ଏକ ଗଣତାନ୍ତ୍ରିକ ପରିବେଶ ସୃଷ୍ଟିରେ ସହାୟକ ହୋଇଥିବା ସମୀକ୍ଷକମାନେ ଟିପ୍ପଣୀ ଦେଇଥାନ୍ତି । ସମ୍ବାଦ ସରବରାହ କ୍ଷେତ୍ରରେ ଏହା ଏକ ନୂତନ ସମୀକରଣର ଅଂଶବିଶେଷ । ସୋସିଆଲ ମିଡ଼ିଆ ବ୍ୟବହାର ସଙ୍ଗେ ସେଥିରେ ସମ୍ବାଦ ଖୋଜିବା ଫଳରେ ସୋସିଆଲ ମିଡ଼ିଆ ଅଗ୍ରଗଣ୍ୟ ସମ୍ବାଦ ସୂତ୍ର ରୂପେ ପରିବର୍ତ୍ତିତ ହେବା ସୁସ୍ପଷ୍ଟ ।

ଉଦାହରଣରେ 'ଷ୍ଟାଟିଷ୍ଟା' ପକ୍ଷରୁ ୨୦୨୧ ଫେବୃୟାରୀ ମାସରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ବିଶ୍ୱର ବିଭିନ୍ନ ରାଷ୍ଟ୍ରରୁ ଦୁଇ ହଜାର ବୟସ୍କଙ୍କ ମଧରେ ସୋସିଆଲ ମିଡ଼ିଆରୁ ସମ୍ବାଦ ଆହରଣ ସଂକ୍ରାନ୍ତୀୟ ଆୟୋଜିତ ଏକ ସର୍ବେକ୍ଷଣର ନିର୍ଯ୍ୟାସ ୨୦୨୧ ଜୁନ ମାସରେ ପ୍ରକାଶିତ ହୋଇଥିଲା । ସେଥିରୁ ଜଣାଗଲା ଯେ କେନିୟା, ଦକ୍ଷିଣ ଆଫ୍ରିକା, ମାଲେସିଆ ଓ ଫିଲିପାଇନସ୍ ଭଳି ଶିକ୍ଷା ଓ ଅର୍ଥନୀତି ଦୃଷ୍ଟିରୁ ପଛୁଆ ରାଷ୍ଟ୍ରଗୁଡ଼ିକରେ ୭୦ ପ୍ରତିଶତ ସୋସିଆଲ ମିଡ଼ିଆରୁ ସମ୍ବାଦ ସଂଗ୍ରହ କରିଥାନ୍ତି । ଅପରପକ୍ଷେ ଅପେକ୍ଷାକୃତ ଶିକ୍ଷିତ ଓ ଅର୍ଥନୀତି ଦୃଷ୍ଟିରୁ ସ୍ୱଚ୍ଛଳ ବେଲଜିୟମ, ଫ୍ରାନ୍ସ, ନେଦରଲେଣ୍ଡ, ଜର୍ମାନୀ ଓ ଜାପାନର ମାତ୍ର ୪୦ ପ୍ରତିଶତ ସମ୍ବାଦ ସଂଗ୍ରହ ନିମନ୍ତେ ସୋସିଆଲ ମିଡ଼ିଆ ଉପରେ ନିର୍ଭରଶୀଳ ।

ଅନ୍ୟ ଉପକ୍ରମରେ କିଶୋର ଓ ଯୁବବର୍ଗ ପାରମ୍ପରିକ ବଦଳରେ ଡ଼ିଜିଟାଲ ମିଡ଼ିଆକୁ ସମ୍ବାଦ ସୂତ୍ର ଭାବେ ଗ୍ରହଣ କରୁଥିବା ହେତୁ ସାମଗ୍ରୀକ ଭାବେ ସୋସିଆଲ ମିଡ଼ିଆର ପ୍ରଭାବରେ କ୍ରମାନ୍ନତି ଆଶା କରାଯିବା ଯୁକ୍ତିଯୁକ୍ତ । ସୋସିଆଲ ମିଡ଼ିଆ ବ୍ୟକ୍ତିଗତ, ଗଭୀର ଆଞ୍ଚଳିକ, ରାଜ୍ୟସ୍ତର, ଜାତୀୟସ୍ତର ଓ ଆନ୍ତର୍ଜାତିକ ସ୍ତରରେ ପାଞ୍ଚଗୋଟି ଭିନ୍ନ ଭିନ୍ନ ପର୍ଯ୍ୟାୟ ସମ୍ବାଦ ସରବରାହରେ ଅଂଶୀଦାର । ବ୍ୟକ୍ତିଗତ ଓ ଗଭୀର ଆଞ୍ଚଳିକସ୍ତରର ସମ୍ବାଦ ଉପଭୋକ୍ତାଙ୍କ ବନ୍ଧୁବର୍ଗ ତଥା ସାଧାରଣ ନାଗରିକଙ୍କ ଦ୍ୱାରା ପରିଚାଳିତ ହେଉଥିବା ସ୍ଥଳେ ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ବୃତ୍ତିଗତ ସମ୍ବାଦ ସଂସ୍ଥାର ଭୂମିକା ସୁସ୍ପଷ୍ଟ । ଅପରପକ୍ଷେ ବିଭିନ୍ନ ରୁଚି, ସମସ୍ୟା ଓ ବୃତ୍ତିଭିତ୍ତିକ ସମ୍ବାଦ ମଧ ସୋସିଆଲ ମିଡ଼ିଆରେ ସୃଜନ ଓ ପ୍ରସାରଣ ମୁକ୍ତ ପରିବେଶ ସୃଷ୍ଟିରେ ସହାୟକ ।

ସୋସିଆଲ ମିଡ଼ିଆରେ ଅସତ୍ୟ, ଗୁଜବ, ଅତିରଞ୍ଜିତ, ଆକ୍ଷେପମୂଳକ ଓ ପ୍ରାୟୋଜିତ ସମ୍ବାଦ ପ୍ରସାର ଏବଂ ଏହାର ସୁଦୂର ପ୍ରସାରୀ ପ୍ରଭାବ ସ୍ୱାସ୍ଥ୍ୟ, ରାଜନୀତି ତଥା ଅନ୍ୟାନ୍ୟ ସାମାଜିକ କ୍ଷେତ୍ରରେ ଅନୁଭୂତ ହେଉଛି । ବୈଷୟିକ ସମୃଦ୍ଧି ସ୍ୱାଧୀନ ସମ୍ବାଦ ସରବରାହ ନିମନ୍ତେ ସାଧନ ସୃଷ୍ଟି କରୁଥିବା ସ୍ଥଳେ ଏହାର ଦୁରୂପଯୋଗ ବିପରୀତ ଫଳ ପ୍ରଦାନ କରିବାରେ ଲାଗିଛି । ଅଭିବ୍ୟକ୍ତିରେ ସ୍ୱାଧୀନତା ଗଣତନ୍ତ୍ରକୁ ପରିପୁଷ୍ଟ କରିବା ବଦଳରେ ଶାସନତାନ୍ତ୍ରିକ ବ୍ୟବସ୍ଥାରେ ସ୍ୱେଚ୍ଛାଚାରିତା ବୃଦ୍ଧିରେ ପର୍ଯ୍ୟବସିତ ହେବା ବିଶ୍ୱବ୍ୟାପୀ ଏକ ଅସମାହିତ ସମସ୍ୟା ରୂପେ ମୁଣ୍ଡ ଟେକିଛି ।

ଉଲ୍ଲେଖନୀୟ ବିଷୟ ଏହି ଯେ ସୋସିଆଲ ମିଡ଼ିଆ ଅସତ୍ୟ ସମ୍ବାଦ 'ଫେକ ନିଉଜ' କବଳିତ ଥିବା ଉପଭୋକ୍ତାମାନଙ୍କ ମଧରୁ ଅଧିକାଂଶ ଅବଗତ ଥିବା ତଥା ବିଶ୍ୱସନୀୟତା ହରାଇଥିବା ସତ୍ତ୍ୱେ ବିଭିନ୍ନ ମଞ୍ଚରେ ଦୀର୍ଘ ସମୟ ଧରି ଉପସ୍ଥିତ ରହିଥାନ୍ତି । ହାତପାଆନ୍ତାରେ ସ୍ମାର୍ଟଫୋନ ତଥା ସେଥିରେ ପାଠ୍ୟ, ସ୍ୱର ଓ ଦୃଶ୍ୟ 'ଟେକ୍ସଟ, ଅଡ଼ିଓ ଓ ଭିଡ଼ିଓ' ଉପଲବ୍ଧ ହେବା ସାଙ୍ଗକୁ ନିୟୋଜିତ ଆପ୍ଲିକେସନ ଗୁଡ଼ିକର ମାଦକତା ଉପଭୋକ୍ତାଙ୍କୁ ପ୍ରଭାବିତ କରୁଥିବା ସୁସ୍ପଷ୍ଟ । ସମ୍ବାଦ ମଞ୍ଚ ଦ୍ରବ୍ୟ ଓ ସେବା ବିକ୍ରିର ବିଜ୍ଞାପନକୁ ପାଥେୟ କରି ଦୁଇଶହ ବର୍ଷ ଅତିବାହିତ କରିବା ପରେ ସ୍ମାର୍ଟଫୋନ ଓ ସୋସିଆଲ ମିଡ଼ିଆ ପୃଷ୍ଠଭୂମିରେ କେତେକାଳ ପ୍ରବାହିତ ହେବ ତାହା ସମୟ କହିବ ।

## ଆଜିର ଚିନ୍ତନ

**ପ**ରମାତ୍ମା ଶ୍ରୀକୃଷ୍ଣ ଅତିଶୟ କୃପା କଲେ ତାଙ୍କ ନାମରେ ପ୍ରୀତି ଆସିଥାଏ । ଅତିଶୟ ପାପ ହେଲେ ଭଗବାନଙ୍କ ମନରେ ପ୍ରୀତି ଆସି ନ ଥାଏ । ଭଗବାନଙ୍କ ଦୁଇ ସ୍ୱରୂପ ବେଦରେ ବର୍ଣ୍ଣନା କରାଯାଇଛି- ନିର୍ଗୁଣ- ନିରାକାର ଏବଂ ସଗୁଣ ସାକାର । ନିର୍ଗୁଣ ନିରାକାର ଭଗବାନଙ୍କ ଦର୍ଶନ ଆଖିରେ ହୁଏ ନାହିଁ । ନିର୍ଗୁଣ - ନିରାକାର ବ୍ରହ୍ମଙ୍କ ପୂଜା କେହି କରି ପାରନ୍ତି ନାହିଁ । ନିର୍ଗୁଣ- ନିରାକାର କାହା ଉପରେ ଦୟା, କୃପା କରନ୍ତି ନାହିଁ । ନିର୍ଗୁଣ ନିରାକାର ବ୍ରହ୍ମ କାହାକୁ ପାପ କରିବାରୁ ରୋକନ୍ତି ନାହିଁ । ଭିତରେ ବାହାରେ ସର୍ବତ୍ର ଭଗବାନଙ୍କ ସତ୍ତା ରହିଛି । ତଥାପି ଜୀବ ପାପ କରୁଛି ନିର୍ଗୁଣ ନିରାକାର କୃପା କରନ୍ତି ନାହିଁ । ଦଣ୍ଡ ଦିଅନ୍ତି ନାହିଁ । ନିଗ୍ରହ ଏବଂ ଅନୁଗ୍ରହ ଏହି ଦୁଇଶକ୍ତି କେବଳ ସାକାର ଭଗବାନଙ୍କ ଠାରେ ରହିଛି । ନିରାକାର ତ ନିଗ୍ରହ କରନ୍ତି ନାହିଁ କି ଅନୁଗ୍ରହ କରନ୍ତି ନାହିଁ । ଶ୍ରୀରାମ ସୂର୍ପଣଖାକୁ ଦଣ୍ଡ ଦେଲେ । ଶବରୀ ମାତାଙ୍କୁ କୃପା କଲେ । ନିର୍ଗୁଣ ନିରାକାର ବ୍ରହ୍ମ ତେଜୋମୟ । ତେଜୋମୟ ହୋଇଥିବାରୁ ଭଗବାନ ନିଜ ସ୍ୱରୂପକୁ ଲୁଚାଇଥାନ୍ତି । ଭଗବାନଙ୍କ ତେଜ ସହନ କରିବା ଶକ୍ତି ମାନବର ନାହିଁ । ଶଙ୍ଖ, ଚକ୍ର, ଗଦା, ପଦ୍ମ, ଧାରୀ ନାରାୟଣ ପ୍ରତ୍ୟକ୍ଷ ପ୍ରକଟ ହୋଇଥିଲେ । ଭଗବାନଙ୍କ ତେଜ ସହନ କରି ନ ପାରି ମାନବ ମୂର୍ଚ୍ଛାରେ ପଡି ଯିବ। ଭଗବାନଙ୍କ ହାତରେ ଯେଉଁ ସୁଦର୍ଶନ ଚକ୍ର ତାହାର ତେଜ ତ ଦେବତାମାନେ ସହ୍ୟ କରି ପାରନ୍ତି ନାହିଁ । ମାନବ କରି ପାରିବ କିପରି ? ନିର୍ଗୁଣ ନିରାକାର ବ୍ରହ୍ମ ତ ଅତି ସୂକ୍ଷ୍ମ ତାଙ୍କୁ ଭକ୍ତି କରି ପାରିବା କିପରି ? ତେଣୁ ତେଜୋମୟ ଭଗବାନ ତାଙ୍କ ରୂପକୁ ଲୁଚାଇ ରଖିଛନ୍ତି ନାମ ମଧରେ । ଏ ଦୃଷ୍ଟିରେ ଯେଉଁଶକ୍ତି ଭଗବାନଙ୍କ ଠାରେ ରହିଛି ସେ ଶାନ୍ତି ତାଙ୍କ ନାମରେ ରହିଛି । ନାମ ସହିତ ପ୍ରେମ କଲେ ଭଗବାନ ମିଳନ୍ତି । ରୂପର ଦର୍ଶନ ସମ୍ଭବ ନୁହେଁ । ରୂପକୁ ଧରି ହେବ ନାହିଁ । କିନ୍ତୁ ନାମକୁ ଧରି ହେବ । ରୂପକୁ ତ ଧରି ହେବ ନାହିଁ ଦୁଇତିନି ମିନିଟ ରୂପର ଆଭାସ ହୋଇ ଅଦୃଶ୍ୟ ହୋଇଯିବ । ନାମ ମାଧମରେ ରୂପକୁ ଧରି ହେବ । ନାମକୁ ଧରି ରଖିଲେ ଭଗବାନ ଆଉ ଅନ୍ତର୍ଦ୍ଧାନ ହୋଇ ପାରିବେ ନାହିଁ । ଭଗବାନଙ୍କ ଯେଉଁ ସ୍ୱରୂପ ପ୍ରକଟ ହେବ ତାହା ଆପଣଙ୍କୁ ପାପରୁ ରକ୍ଷା କରିବ । ଭଗବାନଙ୍କ ନାମକୁ ଧରନ୍ତୁ । ନାମର ଧାନ କରନ୍ତୁ । ନାମର ସ୍ମରଣ କରନ୍ତୁ । ନାମର ଜପ କରନ୍ତୁ । ନାମ ଜପରେ ତନ୍ମୟ ହୁଅନ୍ତୁ । କଳୌ ନାମ ହିଁ କେବଳମ୍ । ଭଗବାନଙ୍କ ନାମ ଯେଉଁଠି ଗାନ କରାଯାଏ ଭଗବାନ ସେଠାରେ ରହନ୍ତି । ଏକଥା ଶ୍ରୀମୁଖରେ ଭଗବାନ ସ୍ୱଭକ୍ତ ଦେବର୍ଷି ନାରଦଙ୍କୁ କହିଛନ୍ତି, 'ମଦ ଭକ୍ତାଃ ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ ।' କଳିଯୁଗରେ ହରିକୀର୍ତ୍ତନ, ନାମକୀର୍ତ୍ତନ ହିଁ ଶ୍ରେଷ୍ଠ, 'କୃତେ ଯତ୍ ଧ୍ୟାତୋ ବିଷ୍ଣୁଃ, ତ୍ରେତୟାଂ ଯଜତୋମଖୈଃ ଦ୍ୱାପରେ ପରିଚର୍ଯ୍ୟାୟଂ କଳୌ ତତ୍ ହରିକୀର୍ତ୍ତନାତ୍ । ସତ୍ୟ ଯୁଗରେ ଧାନ, ତ୍ରେତାରେ ଯଜ୍ଞ, ଦ୍ୱାପରେ ପୂଜା ଏବଂ କଳିଯୁଗରେ ହରିକୀର୍ତ୍ତନ ମାଧମରେ ଭଗବାନ ଉପଲବ୍ଧ ହୁଅନ୍ତି ।

## ଏସିଡିଟିରୁ ଦୂରେଇ ରହିବାର ଉପାୟ



**ନି**ୟମିତ ପେନ୍‌କିଲର ଖାଇବା ଉଚିତ୍ ନୁହେଁ । ଡାକ୍ତରଙ୍କ ପରାମର୍ଶ କ୍ରମେ ପେନକିଲର୍ ଖାଇବା ଉଚିତ୍ । ଖାଇ ସାରିବା ପରେ ପେନକିଲର ଖାଆନ୍ତୁ । ଚା କିମ୍ବା କଫିର ଅଭ୍ୟାସକୁ ନିୟନ୍ତ୍ରଣରେ ରଖିବା ଉଚିତ୍ । ତେଲ ମସଲା ଯୁକ୍ତ ଖାଦ୍ୟ କମ୍ ଖାଇବା ଦରକାର । ଫାଷ୍ଟ ଫୁଡ୍ ବା ଜଙ୍କଫୁଡ୍ ଠାରୁ ଦୂରେଇ ରହିବା ଉଚିତ୍ । ଆଲକହଲର ଅଭ୍ୟାସ ଥିଲେ ଏହାକୁ ବାରଣ କରିବା ଦରକାର । ନିଜର ଓଜନକୁ ନିୟନ୍ତ୍ରଣରେ ରଖିବା ଉଚିତ୍ । ନିୟମିତ ବ୍ୟାୟାମ କରିବା ଉଚିତ୍ । ପ୍ରତି ମାସ ନିଜର ରକ୍ତ ଶର୍କରାର ପରିମାଣ ପରୀକ୍ଷା କରିବା ଉଚିତ୍ । ଥାଇରଏଡ୍ ପରୀକ୍ଷା ମଧ କରିବା ଉଚିତ୍ । ଚାଳିଶ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଉଚିତ୍ ।

# ସର୍ବସ୍ୱ ସମର୍ପଣ ଦ୍ୱାରା ସର୍ବସ୍ୱ ପ୍ରାପ୍ତି

କୁହା ଯାଇଛି, ସାଧନା କ୍ଷେତ୍ରରେ ସମର୍ପଣର ଅସାଧାରଣ ମହତ୍ତ୍ୱ ରହିଛି । ନିଜ ପୁରୁଷାର୍ଥର ପ୍ରତିଷ୍ଠା ତ ଗୋଟିଏ ସୀମା ପର୍ଯ୍ୟନ୍ତ ବୃଦ୍ଧି କରାଯାଇ ପାରେ । ଯଦି ବାହ୍ୟ ଅନୁଦାନ ନ ମିଳନ୍ତା । ତାହେଲେ ପ୍ରଗତି ପଥରେ ଗୋଟିଏ ପାଦ ଆଗେଇବା ମଧ ମନୁଷ୍ୟ ପକ୍ଷରେ ସମ୍ଭବ ହୁଅନ୍ତା ନାହିଁ । ମନୁଷ୍ୟ ଗର୍ଭ ଅବସ୍ଥାରୁ ଆରମ୍ଭ କରି ଜନ୍ମ ପରେ ମଧ ଅନେକ ବର୍ଷ ପର୍ଯ୍ୟନ୍ତ ଅନ୍ୟର ସହଯୋଗ ଆଧାରରେ ହିଁ ନିଜ ବିକାଶର ଯାତ୍ରା ପୂର୍ଣ୍ଣ କରିଥାଏ । ଜନନୀର ଅନୁଦାନ ନ ମିଳିଲେ ସେ ଗର୍ଭରେ ହିଁ ଶେଷ ହୋଇଯିବ । ପିତା, ମାତାଙ୍କଠାରୁ ଆରମ୍ଭ କରି ସମାଜ ପର୍ଯ୍ୟନ୍ତ ବିଭିନ୍ନ ଭାବରେ ତା ସହିତ ସହଯୋଗ ନ କରୁଥିଲେ, ଜନ୍ମ ପରର ପ୍ରଗତି ବ୍ୟବସ୍ଥାର କ୍ରମରେ ସେ ଅଗ୍ରଗତି କରି ପାରନ୍ତା ନାହିଁ । ଲୌକିକ ଜୀବନରେ ଯେଉଁ ତଥ୍ୟ ପ୍ରଜୁଜ୍ୟ ହୋଇଥାଏ, ଆଧାତ୍ମିକ କ୍ଷେତ୍ରରେ ପ୍ରବେଶ କରିବା ପରେ ମଧ ତାହା ପ୍ରଜୁଜ୍ୟ ହୋଇଥାଏ । ଏହି କ୍ଷେତ୍ରରେ ପ୍ରଗତି କରିବା ସକାଶେ ବ୍ୟକ୍ତିକୁ ଆତ୍ମଶୋଧନର ତପଶ୍ଚର୍ଯ୍ୟା ଭିତର ଦେଇ ଯିବାକୁ ପଡିଥାଏ । କିନ୍ତୁ ସମର୍ପଣ ଯୋଗ - ଭକ୍ତିଯୋଗ ସାଧନା ବିନା ଦୈବୀକୃପା ଏବଂ ପରମ ଲକ୍ଷ୍ୟ ପ୍ରାପ୍ତ ହୁଏନାହିଁ ।

ଶ୍ରୀମଦ୍ ଭଗବତ୍ ଗୀତାରେ ତ କର୍ମଯୋଗ, ଭକ୍ତିଯୋଗ ଓ ଜ୍ଞାନଯୋଗର ତ୍ରିବେଣୀ ପ୍ରବାହିତ ହୋଇଛି ଏବଂ ଏହି ତ୍ରି ଯୋଗକୁ ଛଅ ଛଅ ଅଧ୍ୟାୟ ଦେଇ ତ୍ରିପଦର ମାହାତ୍ମ୍ୟ ବର୍ଣ୍ଣନା କରାଯାଇଛି । କିନ୍ତୁ ସମ୍ପୂର୍ଣ୍ଣ ଗୀତାରେ ସ୍ଥାନେ ସ୍ଥାନେ ସେହି ଗୋଟିଏ କଥା ଭଗବାନ୍ ଅର୍ଜୁନଙ୍କୁ କହିଛନ୍ତି । ତାହା ହେଉଛି ସମର୍ପଣର, ଶରଣାଗତିର ଆମନ୍ତ୍ରଣ । ନିଜର ବ୍ୟକ୍ତିଗତ ମହତ୍ତ୍ୱାକାଂକ୍ଷାକୁ, ଅହଂକାରକୁ ଈଶ୍ୱରଙ୍କୁ ସମର୍ପଣ କରି ତାଙ୍କ ଇଛା ଅନୁସାରେ ଚାଲିବାର ପ୍ରେରଣା ଶ୍ରୀକୃଷ୍ଣ ବାରମ୍ବାର ଦେଇଛନ୍ତି । ଦ୍ୱାଦଶ ଅଧ୍ୟାୟରେ ସେ କହୁଛନ୍ତି, ତୁ ମୋ ଉପରେ ମନକୁ ଏକାଗ୍ରକର, ମୋ ଉପରେ ବୁଦ୍ଧିକୁ ପ୍ରୟୋଗ କର, ଏହା କଲେ ତୁ ମୋ ଭିତରେ ନିବାସ କରିବୁ । ମତେ ହିଁ ପ୍ରାପ୍ତ ହେବୁ, ଏଥିରେ କୌଣସି ସଂଶୟ ନାହିଁ ।

ବସ୍ତୁତଃ ବ୍ୟଷ୍ଟିକୁ ସମଷ୍ଟିରେ, ବ୍ୟକ୍ତିବାଦକୁ ସମୁହବାଦରେ, ସଂକୀର୍ଣ୍ଣତାକୁ ଉଦାରତାରେ, ନିକୃଷ୍ଟକୁ ଉତ୍କୃଷ୍ଟରେ ପରିଣତ କରିବା ହେଉଛି ସମର୍ପଣ । ଭକ୍ତି ଯୋଗରେ କ୍ରିୟାକର୍ମର, କର୍ମକାଣ୍ଡର ଆରମ୍ଭରେ ମଧ ସମର୍ପଣ ଭାବକୁ ହିଁ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଛି । ସମର୍ପଣ ହେଉଛି ଭକ୍ତିର, ନିଷ୍ଠାର ଚରମ ସ୍ୱରୂପ । ସମର୍ପଣ ନିମନ୍ତେ ଭକ୍ତିକୁ, ସାଧନାକୁ ସର୍ବଦା ସ୍ମରଣ ରଖିବାକୁ ହୋଇଥାଏ । 'ମୁଁ ପତଙ୍ଗ ପରି ଏବଂ ଇଷ୍ଟଦେବ ପ୍ରଦୀପ ପରି । ଅନନ୍ୟ ପ୍ରେମ ବଳରେ ଦ୍ୱୈତ ବିଶ୍ୱାସକୁ ପରିତ୍ୟାଗ କରି ଅଦ୍ୱୈତର ଉପଲବ୍ଧି ନିମନ୍ତେ ମୁଁ ମୋର ଇଷ୍ଟଦେବଙ୍କ ସହିତ ଏକାତ୍ମ ହେବାକୁ ଚାହୁଁଛି । ପତଙ୍ଗ ଯେପରି ପ୍ରଦୀପରେ ଆତ୍ମ ସମର୍ପଣ କରେ ନିଜର ସତ୍ତାକୁ ନିଃଶେଷ କରି ଜ୍ୟୋତିପୁଞ୍ଜ ଭିତରେ ବିଲିନ ହୋଇଯାଏ, ସେହିପରି ମୋର ଅସ୍ତିତ୍ୱ ଏହି ଅହଂକାରକୁ ଦୂର କରି ମୁଁ ବ୍ରହ୍ମରେ, ସମଷ୍ଟି ଚେତନା ଭିତରେ ବିଳୀନ ହେଉଛି । ମୁଁ ସମ୍ପୂର୍ଣ୍ଣ ବିଶ୍ୱାସର ସହିତ ନିଜର ସର୍ବସ୍ୱ ପ୍ରଭୁଙ୍କୁ ସମର୍ପିତ କରୁଛି ।

ଭକ୍ତିର ଅର୍ଥ - ନିଜକୁ ସମର୍ପଣ କରିବା । ଜ୍ଞାନ ଦ୍ୱାରା 'ଅହଂ ବ୍ରହ୍ମାସ୍ମି' କହି କିମ୍ବା ଯୋଗର ବିଭିନ୍ନ ମାର୍ଗ ଦେଇ କୌଣସି ବ୍ୟକ୍ତିକୁ ନିର୍ବାଣ ମିଳିଥାଇ ପାରେ, କିନ୍ତୁ ଗୋଟିଏ ଶାଶ୍ୱତ କଥା ହେଉଛି ପ୍ରଭୁପ୍ରେମ । ସକଳ ଭିତରେ ଏକ ସାର୍ବଭୌମ ଘଟକ ହେଉଛି ପ୍ରେମ । ଏହି ପ୍ରେମର ସ୍ୱରୂପ ହେଉଛି, ଈଶ୍ୱରଙ୍କଠାରେ, ସିଦ୍ଧାନ୍ତ ଉପରେ, ଆଦର୍ଶ ଉପରେ ଗଭୀର ଆସ୍ଥା । ସମଷ୍ଟି ଭିତରେ ପରିବ୍ୟାପ୍ତ, ପ୍ରତି କୋଣ, ଅନୁକୋଣରେ ବିରାଜିତ ସତ୍ତାଠାରେ ପ୍ରଗାଢ ପ୍ରୀତି । ଭଗବାନଙ୍କୁ ପ୍ରେମ କରୁଥିବା ବ୍ୟକ୍ତି ହିଁ ସିଦ୍ଧି ପ୍ରଦାୟକ ଭକ୍ତି ଲାଭକରେ । ଶ୍ରୀରାମ ଚରିତ ମାନସରେ ଗୋସ୍ୱାମୀ କହିଛନ୍ତି, 'ସାଧନା ସିଦ୍ଧି ରମ୍ ପଦ୍ ନେହୁ' ଅର୍ଥାତ୍ - ପ୍ରଭୁଙ୍କ ଚରଣରେ ପ୍ରୀତି ରଖିବା ହେଉଛି ସାଧନା, ସିଦ୍ଧି ମଧ । ସାଧନା ଯଦି ସିଦ୍ଧି ପ୍ରଦାୟକ ହୋଇଯାଏ, ତାହେଲେ ଆଉ କ'ଣ ଦରକାର ? ଏହି ଭକ୍ତିଯୋଗର ସମର୍ପଣକାରୀ, ବିସର୍ଜନକାରୀ ମାର୍ଗର ଅନୁସରଣ କଲେ ଲାଭାନ୍ବିତ ହେବା ଅତ୍ୟନ୍ତ ସହଜ ।

ପ୍ରୀତି କରିବା ତ କିପରି କରିବା ? ଯାହା ନିକଟରେ ଆମେ ରହୁ, ଯାହାକୁ ଆମେ ପ୍ରତ୍ୟେକ ମୁହୂର୍ତ୍ତରେ ସ୍ମରଣ କରୁ, ପ୍ରୀତି ତା ସହିତ ହୋଇଯାଏ । ଲୌକିକ ଦୃଷ୍ଟିରୁ ଦୁଇ ଜଣ ପଡୋଶୀ ଏକସଙ୍ଗେ ରହିବା ଫଳରେ ଘନିଷ୍ଠତା ବୃଦ୍ଧିପାଏ । ପରସ୍ପର ଭିତରେ ପ୍ରୀତିପୂର୍ଣ୍ଣ ସମ୍ପର୍କ ନିବିଡ ହୋଇଯାଏ । ପ୍ରଭୁଙ୍କ ସମୀପରେ ରହିବା ଆଧାତ୍ମିକ ଦୃଷ୍ଟିରୁ, ସନ୍ଥଜନଙ୍କ ଭାଷାରେ' ସୁମିରନ '(ସ୍ମରଣ) ଦ୍ୱାରା ସମ୍ଭବ ହୋଇଥାଏ । ନିଜର ସର୍ବସ୍ୱ ଅର୍ପଣ କରି ଭଗବତ୍ ଚିନ୍ତନ କରିବା ପାଇଁ ସାରା ସଂସାରରେ ଭକ୍ତ ମଣ୍ଡଳୀ କହୁଛନ୍ତି । ପ୍ରେମ ଯେତେବେଳେ ସକଳ କାମନାରୁ ମୁକ୍ତ ହୋଇ, କାମ ବାସନାଠାରୁ ଉର୍ଦ୍ଧକୁ ଯାଇ ଭଗବତ୍ ପ୍ରେମର ରୂପ ନିଏ, ସେତେବେଳେ ଜୈବିକ ନୁହେଁ, ଆଧାତ୍ମିକ ସ୍ତରର ଶ୍ରେଷ୍ଠତା ପାଇ ରୂପାନ୍ତରିତ ହୋଇ ଭକ୍ତିରେ, ସମର୍ପଣରେ ପରିବର୍ତ୍ତିତ ହୋଇଯାଏ । ବୈଜ୍ଞାନିକ ଭାଷାରେ ପ୍ରେମ ଏକ ଜୈବିକ ତଥ୍ୟ । ପାଶ୍ଚାତ୍ୟ ଜଗତ କାମନା ବାସନାରେ ବା ପ୍ରେମରେ, ଉଚ୍ଚସ୍ତରୀୟ ସମର୍ପଣରେ, ସମାଜ - ରାଷ୍ଟ୍ର- ପରମାତ୍ମାଙ୍କ ପ୍ରତି ଭକ୍ତିର ସ୍ୱରୂପରେ କୌଣସି ପାର୍ଥକ୍ୟ ଦେଖେ ନାହିଁ । ଏହି କାରଣରୁ ସେଠାକାର ପାରିବାରିକ ଜୀବନ ସୁଖମୟ ନୁହେଁ । ପ୍ରେମ, ଭକ୍ତି, ବସ୍ତୁତଃ ଏକପ୍ରକାର ଅନୁଭବର କ୍ଷେତ୍ର । ଏହିଠାରୁ ଜୀବନରେ ଏହାର ସଂଚାରଣ ହୁଏ । ଏହା ହିଁ ଦାମ୍ପତ୍ୟ ଜୀବନରେ ସର୍ତ୍ତହୀନ ସମର୍ପଣ ଏବଂ ସାମାଜିକ କ୍ଷେତ୍ରରେ ମାନବ ପ୍ରତି କରୁଣା ସାଗର ରୂପେ ଦେଖାଯାଏ । ବସ୍ତୁତଃ କର୍ଦମ ଭିତରେ କମଳ ସଦୃଶ ପ୍ରେମ ଭକ୍ତିର ପୁଷ୍ପ ଅଙ୍କୁରିତ, ପୁଷ୍ପିତ ପଲ୍ଲବିତ ହୋଇଥାଏ । କମଳ ଓ କର୍ଦମର ରାସାୟନିକ ଗଠନରେ ପ୍ରଭେଦ ଅଛି, କିନ୍ତୁ ଜୈବିକ ଜୀବନର ଉଚ୍ଚତର ଭାବନା ଗୁଡିକର ଅଭିବ୍ୟକ୍ତି ପ୍ରେମ କମଳ ରୂପେ ପ୍ରସ୍ଫୁଟିତ ହୁଏ, ଦୈନନ୍ଦିନ ଜୀବନର ଭୋଗ ବାସନା ରୂପକ କର୍ଦ୍ଦମ ଭିତରୁ । ଏହି ପ୍ରେମ ଯେତେବେଳେ ଭକ୍ତିର ରୂପ ନିଏ, ସେତେବେଳେ ମନେ ହୁଏ ଆମ ଜୀବନ ବୀଣାରୁ ସଙ୍ଗୀତର ଝଙ୍କାର ଭାସି ଆସୁଛି । ଭକ୍ତି ଭିତରେ ସ୍ୱର୍ଗୀୟ ସୌନ୍ଦର୍ଯ୍ୟ ନିହିତ ରହିଛି । ଭକ୍ତିରେ ବାସନାର କାମ ବାସନାର, ରୂପାନ୍ତରିତ ଈଶ୍ୱରୀୟ ସ୍ୱରୂପ ରହିଛି ।

ଭକ୍ତି ଯୋଗ - ସମର୍ପଣ ଯୋଗ ଏହି ତଥ୍ୟର ଜ୍ଞାନ ଦିଏ ଯେ, ମନୁଷ୍ୟ ଭଗବାନଙ୍କର ଏବଂ ଭଗବାନ ମନୁଷ୍ୟ ଅସ୍ତିତ୍ୱର ଏକ ଅଂଶ ବିଶେଷ । ଈଶ୍ୱର ଅଂଶ ଜୀବ ଅବିନାଶୀ । 'ଚେତନ ଅମଲ ସହଜ୍ ସୁଖ୍- ରାସୀ' ର ଭାବନାକୁ ଦୃଷ୍ଟିରେ ରଖି ଅଂଶର, ଜୀବର, ଯେ ପର୍ଯ୍ୟନ୍ତ ଅବିନାଶୀ ବ୍ରହ୍ମ ଭିତରେ, ଈଶ୍ୱରଙ୍କ ଭିତରେ ନିଜକୁ ସମର୍ପଣ କରିବାର ଭାବ ଆସିନାହିଁ ସେ ପର୍ଯ୍ୟନ୍ତ ଲକ୍ଷ୍ୟ ପୂର୍ଣ ହେବ କିପର ? କୌଣସି ଜଣେ ଉର୍ଦ୍ଦୁ କବି ଲେଖିଛନ୍ତି-

ତୂ ହୈ ମୁଜି ହୈ ବେକରାଁ ମୈଁ ହୂଁ ଏକ୍ ଆବଜୁଁ ।

ୟା ତୋ ମୁଝେ ହମ୍-କିନାର୍ କର୍ ୟା ଦର୍-କିନାର୍ କର୍ ?

ମୁଜି ହୈ ବେକାରାଁ- ଅର୍ଥାତ୍, ଅସୀମ ମହାସାଗର, ଆବଜୁଁ, ଅର୍ଥାତ୍- ଏକ କ୍ଷୁଦ୍ର ଝରଣା । ହମ୍ କିନାରେ କରନା, ଅର୍ଥାତ୍ ନିଜ ଭିତରେ ସମାହିତ କରିନେବା, ଦରକିନାର କରନା, ଅର୍ଥାତ୍- ଦୂରକୁ ଫିଙ୍ଗିଦେବା । ଏଠାରେ ସୁଫି ଶୈଳୀରେ ସାଧକ କହୁଛି, ହେ ପରମାତ୍ମା ! ତୁ ତ ଅସୀମ ମହାସାଗର ଏବଂ ମୁଁ ଏକ କ୍ଷୁଦ୍ର ଝରଣା, ମତେ ନିଜ ଭିତରେ ସମାହିତ କରି ନେ କିମ୍ବା ଦୂରକୁ ଫିଙ୍ଗିଦେ । ଏହା ହିଁ ସମର୍ପଣର ପରୀକ୍ଷା । ଏହି ସୀମାରେ ପହଞ୍ଚି ଜଳ ବିନ୍ଦୁର ସାଗରରେ, ଭକ୍ତର ଭଗବାନଙ୍କ ଭିତରେ, କ୍ଷୁଦ୍ରର ମହାନରେ, ପରୁଷର ପୁରୁଷୋତ୍ତମରେ ବିଲୟ, ବିସର୍ଜନ, ବ୍ୟାକୁଳତା, ସମର୍ପଣ ହୋଇଥାଏ । ପୂର୍ଣ୍ଣ ଭିତରେ ସମାହିତ ହେବା ପରେ ହିଁ ଅଂଶକୁ ପୂର୍ଣ୍ଣତା ମିଳିଥାଏ ।

ବସ୍ତୁତଃ ପ୍ରଭୁଙ୍କ ସହିତ ମିଳିତ ହେବା ସୁଧାରସ (ଭଗବାନଙ୍କ ସହିତ ପ୍ରୀତି) ପାନ କରିବା ହିଁ ଜୀବାତ୍ମାର ଲକ୍ଷ୍ୟ ହେବା ଆବଶ୍ୟକ । ସେ ମୃଗ ମରୀଚିକା ପଛରେ ଧାବମାନ ହୋଇ ପଥହରା ହୋଇଯାଏ ଏବଂ ଏହା ଦୁଃଖ, ଶୋକ, ଉଦ୍ବେଗ ଓ ଅଶାନ୍ତିର କାରଣ ହୋଇଥାଏ । କହିବାକୁ ଗଲେ, ସମର୍ପଣ ଭାବ ହେଉଛି ଅନ୍ତଃକରଣର ସକଳ ବ୍ୟାଧିର ଉପଚାର ନିମନ୍ତେ ଶୁଭାରମ୍ଭ । ସର୍ବସ୍ୱ ସମର୍ପଣରେ ଅନ୍ତତଃ କ'ଣ ପ୍ରତିବନ୍ଧକ, ଏ ବିଷୟରେ ସକଳ ମହାତ୍ମା, ଜ୍ଞାନୀ, ଋଷିଗଣ ଗୋଟିଏ ତଥ୍ୟର ବିବରଣୀ ଦେଇଛନ୍ତି । ଅହଂକାର ବିଗଳିତ ନ ହେଲେ ସମର୍ପଣ ଭାବ ଆସିବା ସମ୍ଭବ ନୁହେଁ । ଅହଂକାର ହେଉଛି ପ୍ରକୃତି ଓ ଆତ୍ମା ମଧରେ ଗୋଟିଏ ଗଣ୍ଠି । ଅହଂକାର ଯେତେବେଳେ ଆତ୍ମାକୁ ଦୂରକୁ ଠେଲି ଦେଇ ନିଜକୁ ସର୍ବେସର୍ବା ବୋଲି କହେ, ସେତେବେଳେ ସେ ବାଧକ ହୋଇଯାଏ ଏବଂ ପ୍ରଗତିର ସକଳ ପଥ ଅବରୁଦ୍ଧ ହୋଇଯାଏ । ଆମେ ଭ୍ରମବଶତଃ ଅଭିମାନରେ ନିଜ ଅସ୍ତିତ୍ୱ ବିଷୟରେ ଯାହା କରୁ ତାହା ହିଁ ଅହଂକାର । ଆଧାତ୍ମିକ କ୍ଷେତ୍ରରେ ଗୋଟିଏ ତଥ୍ୟ ସର୍ବଦା ସ୍ମରଣ ରଖିବାକୁ ହେବ । ଯେଉଁଠାରେ ଅହଂକାରର ବୀଜ ରହିଥିବ, ତାକୁ ବିଗଳିତ, ବିଶୁଦ୍ଧ କରି ସମର୍ପଣ ସ୍ଥିତିକୁ ନ ଆଣିବା ପର୍ଯ୍ୟନ୍ତ ପ୍ରଗତି ତ ଅବରୁଦ୍ଧ ରହିବ । ଅବନତିରୁ ଅବନତି ହେବାର ଭୟ ମଧ ରହିବ । ପ୍ରଥମ ବିଶୃଙ୍ଖଳା ଦେଖା ଦେବା ମାତ୍ରେ ଆତ୍ମ ଜଗତ ଉପରେ ଦୃଷ୍ଟି ଦେବା ଉଚିତ ଯେ, କେଉଁଠାରେ ବିଶୃଙ୍ଖଳା ସୃଷ୍ଟି ହୋଇଛି । ଆମ ଭିତରେ ଏପରି କଣ ଅସାମଞ୍ଜସ୍ୟ ରହିଛି, ଯାହା ବାହାରେ ପ୍ରତିଫଳିତ ହେଉଛି । ଏହି ଅସାମଞ୍ଜସ୍ୟ ଅହଂକାର ରୂପକ ଅବରୋଧକ ତତ୍ତ୍ୱ ଯୋଗୁଁ ଦେଖା ଦେଇଥାଇ ପାରେ ।

**ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ**

## ଟିକିଏ ହସନ୍ତୁ

ବାପା : ବଦମାସ, ତୁ ମମ୍ମିକୁ ବଡ଼ ପାଟିକରି କଥା କହୁଛୁ ।
ପୁଅ : ମୁଁ ଜାଣିଛି ବାପା ତୁମେ ମନେ ମନେ ଈର୍ଷା କରୁଥିବ ।
ବାପା : ମୁଁ କେଉଁ କଥା ପାଇଁ ଈର୍ଷା କରିବି ?
ପୁଅ : କାହିଁକି ନା ତୁମେ ଏମିତି କରି ପାରିବନି ।

× × × ×

ସୋନୁ (ବାପା ଙ୍କୁ) : ବାପା ପ୍ଲିଜ୍ ମତେ କାର ଦିଅ ।
ବାପା : ପୁଅ ଜିଦ୍ କରନ୍ତି ନାହିଁ । ଭଗବାନ ଆମକୁ ଦୁଇଟା ଗୋଡ଼ କ'ଣ ପାଇଁ ଦେଇଛନ୍ତି ।
ସୋନୁ : ଗୋଟେ ବ୍ରେକ୍ ଲଗାଇବା ପାଇଁ ଆଉ ଗୋଟେ ଏକ୍ସିଲେଟର ଦବାଇବା ପାଇଁ ।

× × ×

ଲାଲି : ମୋ ଭାଇ ଦିନକୁ ୧୦ ଥର ଡ୍ରେସ୍ ଚେଞ୍ଜ କରୁଛି ।
ଟୋନୁ : ଆଚ୍ଛା ତା' ବୟସ କେତେ ?
ଲାଲି : ଏବେ ତ ମାତ୍ର ୬ ମାସର ।



× × × ×

ଛୋଟ ପୁଅ : ମା' ମୁଁ ଯେବେ ବଡ଼ ହେବି ପଡୋଶୀଙ୍କ ଝିଅ ଗୁଡ଼ିକୁ ବାହା ହେବି ।
ମା' : କ'ଣ ପାଇଁ ?
ଛୋଟ ପୁଅ : ଆଉ କ'ଣ କରିବି । ଏକୁଟିଆ ରାସ୍ତା ପାରି ହେବାକୁ ତ ତୁମେ ମତେ ମନା କରୁଛ ।

× × × × × ×

ସ୍ୱାମୀ ସ୍ତ୍ରୀଙ୍କୁ : ସବୁଦିନ ସକାଳୁ ଆଖି ଖୋଲୁ ଖୋଲୁ ମୁଁ ଠାକୁରଙ୍କୁ ପ୍ରାର୍ଥନା କରେ ସେ ସମସ୍ତଙ୍କୁ ତୁମରି ଭଳି ସ୍ତ୍ରୀ ଦିଅନ୍ତୁ ।
ସ୍ତ୍ରୀ ଖୁସିରେ : ସତରେ !
ସ୍ୱାମୀ : ହଁ । ଏକୁଟିଆ ମୁଁ ହିଁ କାହିଁକି ଦୁଃଖୀ ରହିବି ?
ସେଇଥି ପାଇଁ ।

× ×× × × × ×

ସ୍ୱାମୀ ବହୁତ ଧୀର ସ୍ୱରରେ ଅନେକ ସମୟ ଧରି ଫୋନରେ ଗପୁ ଥାଆନ୍ତି ।
ତାକୁ ଦେଖି ସ୍ତ୍ରୀ : ତମେ ଏତେ ସମୟ ଧରି ଚୁପି ଚୁପି କାହା ସହ କଥା ହେଉଛ ?
ସ୍ୱାମୀ : ଆରେ ଭଉଣୀ ସହ ।
ସ୍ତ୍ରୀ : ଭଉଣୀ ସହ ତ ଗପୁଛ, ତା' ହେଲେ ଚୋରଙ୍କ ଭଳିଆ କାହିଁକି କଥା ହେଉଛ ?
ସ୍ୱାମୀ : ସେ ମୋ ଭଉଣୀ ନୁହଁ, ତୁମ ଭଉଣୀ ।

ବର୍ଷ ୨୫, ସଂଖ୍ୟା-୩୧, ୨୯ ଅଗଷ୍ଟ - ୪ ସେପ୍ଟେମ୍ବର ୨୦୨୧

# ମଦର କୁପ୍ରଭାବ

ମଦ ବା ଆଲକହଲରେ ବହୁତ ଗୁଡିଏ 'ଓଏଚ' ଥାଏ ଯାହାକି ଲେଜର ବିଘଟିତ ହୋଇ କାମ କରିଥାଏ । ଯଦିଓ ଇଥାଇଲ ଓ ମିଥାଇଲ ଆଲକୋହଲ ହେଉଛି ମୁଖ୍ୟ । ଏହା ସହିତ ଅନ୍ୟ ଆଲକୋହଲ ଅଛି ମାତ୍ର ସେଗୁଡିକୁ ମଣିଷ ପିଇପାରିବ ନାହିଁ । ଜଳରେ 'ଏଚ' ପରମାଣୁ ୨ଟି ଓ ଅମ୍ଳଜାନ ପରମାଣୁ 'ଓ' ଗୋଟିଏ ଥାଏ । ଜଳର ବିଘଟନ ମଦ ପରି ହଜରେ ହୁଏ ନାହିଁ । ଦୁଇଟି ଯାକ କିନ୍ତୁ ଅନେକ ଜିନିଷକୁ ଦ୍ରବୀଭୂତ କରିପାରନ୍ତି, ଶରୀର ଓ ମନକୁ ମଧ । ପ୍ରାୟ ସମସ୍ତ ତରଳ ଔଷଧ ଓ ହୋମିଓପାଥି ଔଷଧରେ ସୁରାସାର ବା ଆଲକୋହଲର ପ୍ରୟୋଗ ହୋଇଥାଏ । ମଦ ମଧ ଭୋକ ବଢ଼ାଏ ଓ କାମ କରିବାର ସ୍ପୃହା ବଢ଼ାଏ । ମାତ୍ର ମଦ ମଣିଷର ଅଜାଣତରେ ତା'ର ବହୁବିଧ କ୍ଷତି ଘଟାଇଥାଏ । ଫଳରେ ମଣିଷଟି ସହଜରେ ଓ ସହଳ ଅନେକ ରୋଗ ବ୍ୟାଧି, ଦୁର୍ଘଟଣାରେ ପଡ଼ିଥାଏ । ଅକାଳରେ ମଧ ମୃତ୍ୟୁବରଣ କରେ । ଏତିକିରେ କଥା ସରିଗଲେ ଆଉ କିଛି କହିବାର ନ ଥିଲା । ମାତ୍ର ମଦ ସମାଜ ଓ ରାଜ୍ୟ ତଥା ଦେଶର ଯାହା କ୍ଷତି କରିଥାଏ ତାହା ହେଉଛି ପ୍ରଣିଧାନର ବିଷୟ । ହିଂସା ଓ ଅପରାଧର ଏକ ପ୍ରମୁଖ କାରଣ ହେଉଛି ମଦ୍ୟପାନ । ପ୍ରାୟ ସବୁ ଅପରାଧୀମାନେ ଏହା ମଧରେ ଆସିବେ ହତ୍ୟା, ଦୁଷ୍କର୍ମ ପରି ସଙ୍ଗୀନ ମାମଲା ପାଇଁ ମଦ ପ୍ରକାରାନ୍ତରେ ଅସାମାଜିକ ବ୍ୟକ୍ତିଟିକୁ ଏକକ କିମ୍ବା ସଂଗଠିତ ଭାବରେ ପ୍ରୋତ୍ସାହିତ କରିଥାଏ । ସେମାନେ କୌଣସି କଥା ନ ବିଚାରି, ହିତାହିତ ଜ୍ଞାନ ହରାଇ କାଣ୍ଡଜ୍ଞାନ ଶୂନ୍ୟ ହୋଇ ନିର୍ଦ୍ଦୟ ଓ ନିଷ୍ଠୁର ଭାବେ ଏହି ଜଘନ୍ୟ କାର୍ଯ୍ୟକୁ କରିବା ପାଇଁ ପଛାନ୍ତି ନାହିଁ । ଏହାର ପରିଣାମ କ'ଣ ହେବ ତାହା ମଧ ଭାବନ୍ତି ନାହିଁ । ସେମାନେ ଭାବୁଥାଆନ୍ତି, ଏପରି କଲେ ଖସିଯିବା ବହୁତ ସହଜ ଓ ଅତିବେଶୀରେ ମାତ୍ର କେତେଦିନ ନେଇ ହୋଇପାରେ । ଚୋରୀ, ଡକାୟତି, ରାହାଜାନୀ, ଟେଣ୍ଡର ଫିକ୍ସିଂ, ଲୁଟ, ଛିନତାଇ, ଦାଦାବଟି ଆଦାୟ, ହପ୍ତା, ମାସିକିଆ, ଜମିମଡ଼ାଣ, ଜବରଦଖଲ, ନୀରିହ ଲୋକଙ୍କୁ ଧମକଚମକ ନାଲିଆଖି ଓ ଏହିପରି ସମସ୍ତଙ୍କୁ ଦିଶୁଥିବା ମାତ୍ର ପୋଲିସମାନଙ୍କୁ ଦିଶୁ ନଥିବା ହଜାର ହଜାର ଅପରାଧର ମୂଳ ଭିତ୍ତି ହେଲା ମଦ୍ୟପାନ । ମଦ୍ୟପାନ ଜନିତ ପାରିବାରିକ ହିଂସା, କଳହ ଓ ପୀଡ଼ା ଆମ ରାଜ୍ୟରେ ଅତ୍ୟନ୍ତ କରୁଣ ଚିତ୍ର ପ୍ରଦାନ କରେ । ବିଳମ୍ବିତ ରାତିରେ ମଦ୍ୟପ ସ୍ୱାମୀଟି ମାତାଲ ଅବସ୍ଥାରେ ଆସି ଘରେ ସମସ୍ତଙ୍କୁ ହଇରାଣ କରିଥାଏ । କୌଣସି କାରଣ ନ ଥାଇ ଅଶ୍ରାବ୍ୟ ଗାଳି, ମାରଧର ଏପରିକି ଜୀବନରେ ମାରିଦେବାର ନଜିର ରହିଛି । ମଦ୍ୟପାନ ଯୋଗୁଁ ଯେତିକି ପରିବାର ବରବାଦ ହୁଅନ୍ତି ଅନ୍ୟ କୌଣସି କାରଣରୁ ସେତିକି ନୁହଁନ୍ତି । ଯୌତୁକ, ମନୋମାଳିନ୍ୟ, ମନାନ୍ତର ଇତ୍ୟାଦି । ଏବେ ମଧ ଏହି ପ୍ରକାର କଥା ସାନରୁ ବଡ଼ ତଥା ସମାଜର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ଘରେ ଦେଖାଯାଉଛି । ଏକଥା ସତ ଯେ ସରକାରଙ୍କୁ ମଦ ବିକ୍ରିର ରାଜସ୍ୱ ଅନ୍ୟ ରାଜସ୍ୱ ଅପେକ୍ଷା ବେଶୀ ମିଳିଥାଏ । ଏହାର କାରଣ ଏହାର ଟିକସ ସର୍ବାଧିକ । ବହୁଳ ପରିମାଣର ବିକ୍ରି ଓ କୌଣସି ମଦ ଦୋକାନରେ ବାକିରେ ମଦ ବିକାଯାଏ ନାହିଁ କିମ୍ବା ମୂଲଚାଲ କରି କିଣାଯାଏ ନାହିଁ । ମଦ ବିକ୍ରି ଟିକସରୁ ଆସୁଥିବା ଅର୍ଥ ସବୁ ସରକାର ଜନସାଧାରଣଙ୍କ ହିତାର୍ଥେ ଖର୍ଚ୍ଚ କରିଥାନ୍ତି । ଏହା ଗୋରୁମାରି ଜୋତା ଦାନ ପରି ହୋଇଥାଏ ।

ରାଜ୍ୟ ସରକାର ୨୦୦୦-୨୦୦୧ ଆର୍ଥିକ ବର୍ଷରେ ଅବକାରୀ ରାଜସ୍ୱ ୧୩୫ କୋଟିରୁ ସାମାନ୍ୟ ଅଧିକ ପାଇଥିବା ବେଳେ ୨୦୧୭-୧୮ ବେଳକୁ ଏହା ୩୨୨୧ କୋଟିରୁ ଅଧିକ ହୋଇଥିଲା । ଗତ ୨୦୨୦-୨୧ ଆର୍ଥିକ ବର୍ଷରେ ଏହା ୪୦୫୦ କୋଟି ଅତିକ୍ରମ କରିଛି । ଏଥିରୁ ଜଣାପଡୁଛି ଯେ ମଦ୍ୟ କେତେ ପରିମାଣର ବିକ୍ରି ହେଉଛି । ଏହା କୌଣସି ଔଷଧ ବା ଖାଇବା ପଦାର୍ଥ କିମ୍ବା ଅତ୍ୟାବଶ୍ୟକ ପଦାର୍ଥ ନୁହେଁ । ମାତ୍ର ଏଇ ଚାରି ହଜାର କୋଟି ଟଙ୍କା ପାଇଁ ଆମେ କେତେ କୋଟିର କ୍ଷତି ଭରଣା କରୁଛେ ତାହା ଚିନ୍ତା କରିବା ଦରକାର । ଯଦି କେବଳ ଘଟୁଥିବା ରାସ୍ତା ବା ଗାଡି ଦୁର୍ଘଟଣାକୁ ବିଚାରକୁ ନିଆଯାଏ, ତାହେଲେ ବାର୍ଷିକ ୪ ହଜାରରୁ ୫ ହଜାର ଦୁର୍ଘଟଣା ଜନିତ ମୃତ୍ୟୁକୁ ଅନେକ ମାତ୍ରାରେ କମାଇ ଦିଆଯାଇ ପାରନ୍ତା । ମଦ୍ୟପାନଜନିତ ରୋଗର ସଂଖ୍ୟା ମଧ କମ ନୁହେଁ । ଯକୃତ ଜନିତ ରୋଗ, ବୃକକ ଜନିତ ରୋଗ ସ ଜଳ ଓ ଦରୀ ଇତ୍ୟାଦି ପ୍ରାଣଘାତକ ରୋଗ ଏହାଦ୍ୱାରା ହୋଇଥାଏ, ଯାହାର ଚିକିତ୍ସା ପାଇଁ ଅତ୍ୟଧିକ ଅର୍ଥ ଦରକାର ପଡିଥାଏ । ସେହିପରି ବିଷାକ୍ତ ମଦ ଓ ଚୋରା ମଦ୍ୟପାନ ଜନିତ ମୃତ୍ୟୁ ମଧ ସଂଖ୍ୟାଧିକ ମାତ୍ରାରେ ଘଟୁଛି । ପରିବାରର ରୋଜଗାରକ୍ଷମ ବ୍ୟକ୍ତିଟି ମୃତ୍ୟୁମୁଖରେ ପଡ଼ିବା ଦ୍ୱାରା ପରିବାରର ଅନ୍ୟାନ୍ୟ ସଦସ୍ୟମାନେ ବହୁତ କଷ୍ଟ ଭୋଗ କରନ୍ତି । ସବୁଠାରୁ ବଡ଼ କଥା ହେଉଛି ଅପରାଧ, ପାରିବାରିକ କଳହ ଓ ହତ୍ୟା ଡକାୟତିର ନିୟନ୍ତ୍ରଣ ଦ୍ୱାରା ମିଳିବାକୁ ଥିବା ସୁଫଳ ତୁଳନାରେ ଏଥିରୁ ଆସୁଥିବା ରାଜସ୍ୱ ଅତିକମ ମାତ୍ରାର ବୋଲି ସ୍ପଷ୍ଟ ପ୍ରତୀୟମାନ ହୁଏ । ଏ ବିଷୟରେ ସମସ୍ତେ ଅର୍ଥାତ ସମାଜଶାସ୍ତ୍ରୀ, ଅର୍ଥନୀତିଜ୍ଞ, ସମାଜସେବୀ ଓ ଲୋକ ପ୍ରତିନିଧିମାନେ ନିଶ୍ଚିତ ଭାବେ ଅନୁଚିନ୍ତନ କରି ଯଥାର୍ଥ ବିଧାନ କରିବା ପାଇଁ ପଦକ୍ଷେପ ନେବା ଜରୁରୀ ହୋଇ ପଡିଛି ।



# ସକାରାତ୍ମକ କେତେକ ପଦକ୍ଷେପ

## ମହାତ୍ମା ଗାନ୍ଧୀ

ଯେତେବେଳେ ଗାଈ ତା' ପାଇଁ ହେଉଥିବା ଖର୍ଚ୍ଚକୁ ପୋଷାଇବା ଭଳି କ୍ଷୀର ନ ଦେଉଛି କିମ୍ବା ସିଏ ଏକ କ୍ଷତି କରାଉଥିବା ବୋଝରେ ପରିଣତ ହୋଇଯାଉଛି । ସେତେବେଳେ ତାହାକୁ ମାରିଦେବା ବ୍ୟତୀତ ଆଉ ଅନ୍ୟ କେଉଁସବୁ ଉପାୟରେ ଗାଈର ସୁରକ୍ଷା ସମ୍ଭବ ହେବ ? ଏହି ପ୍ରଶ୍ନର ଉତ୍ତରଟିକୁ ସାରାଂଶ କରି ନିମ୍ନପ୍ରକାରେ କୁହାଯାଇ ପାରିବ ।

ଗୋମାତା ଏବଂ ତା'ର ଶାବକ ପ୍ରତି ଆପଣାର କର୍ତ୍ତବ୍ୟ କରି ହିନ୍ଦୁମାନେ ତାହା କରିପାରିବେ । ଯଦି ସେମାନେ ତାହା କରିବେ, ତେବେ ଆମର ଗୋଧନ ଭାରତବର୍ଷର ତଥା ପୃଥିବୀର ଗର୍ବ ହୋଇ ରହିବ । ବର୍ତ୍ତମାନ ତ ସ୍ଥିତି ତାହାର ବିପରୀତ ହୋଇ ରହିଛି ।

ଗୋପାଳନର ବିଜ୍ଞାନ ବିଷୟରେ ସମସ୍ତେ ଅବଗତ ରହିବେ । ଏହି କାର୍ଯ୍ୟ କ୍ଷେତ୍ରଟିରେ ବର୍ତ୍ତମାନ ପୂର୍ଣ୍ଣ ଅରାଜକତା ହିଁ ରହିଛି ।

ବର୍ତ୍ତମାନ ଯେପରି ନୃଶଂସ ଭାବରେ ଦାମୁଡ଼ିମାନଙ୍କର ମୁଷ୍କଛେଦନ କରାଯାଉଛି, ତାହା ପରିବର୍ତ୍ତେ ପାଶ୍ଚାତ୍ୟ ଦେଶମାନଙ୍କରେ ଅନୁସୃତ ହେଉଥିବା ମାନଦଣ୍ଡ ପ୍ରଣାଳୀଟିକୁ ଗ୍ରହଣ କରାଯିବ ।

ଗୋଶାଳା ଗୁଡିକର ପୂର୍ଣ୍ଣ ସଂସ୍କାର କରାଯିବ । ଭାରତବର୍ଷରେ ଏଗୁଡିକ ବର୍ତ୍ତମାନ ଯେପରି ଅବସ୍ଥାରେ ରହିଛନ୍ତି, ସେଗୁଡିକର ପରିଚାଳନା ପ୍ରାୟ ସବୁ ଜାଗାରେ ଅତ୍ୟନ୍ତ ଅଜ୍ଞାନପୂର୍ଣ୍ଣ ଭାବରେ ହେଉଛି । ଆଦୌ କୌଣସି ଯୋଜନା ନାହିଁ ଏବଂ ଯେଉଁ ବ୍ୟକ୍ତିମାନେ ସେଗୁଡିକର ରକ୍ଷଣାବେକ୍ଷଣ କରୁଛନ୍ତି, କାର୍ଯ୍ୟଟି ସମ୍ବନ୍ଧରେ ସେମାନଙ୍କର ଆଦୌ କୌଣସି ଜ୍ଞାନ ନାହିଁ ।

ଏହି ପ୍ରାଥମିକ ପରିବର୍ତ୍ତନଗୁଡିକ ହୋଇଯିବା ପରେ, ଆମେ ଦେଖିବାକୁ ପାଇବା ଯେ, ମୁସଲମାନମାନେ ମଧ ସ୍ୱତଃ ପ୍ରେରିତ ହୋଇ ଗୋମାଂସ ବା ସେହିପରି ଅନ୍ୟ କୌଣସି ପ୍ରୟୋଜନ ଲାଗି ଗୋରୁକୁ ହତ୍ୟା ନ କରିବାର ଆବଶ୍ୟକତାଟିକୁ ହୃଦୟଙ୍ଗମ କରିବେ । ସେମାନଙ୍କର ହିନ୍ଦୁମାନଙ୍କ ପ୍ରତି ରହିଥିବା କର୍ତ୍ତବ୍ୟର ଅନୁରୋଧରେ ହୁଏତ ସେମାନେ ଏପରି କରିବେ ।

ପାଠକମାନେ ଲକ୍ଷ୍ୟ କରି ପାରିବେ ଯେ, ପୂର୍ବଲିଖିତ ଯାବତୀୟ ଆବଶ୍ୟକତା ପଛରେ ସବୁଠିଁ ଯେଉଁ ଗୋଟିଏ କଥା ରହିଛି, ତାହା ହେଉଛି ଅହିଂସା । ଅହିଂସାର ଅନ୍ୟ ନାମ ହେଉଛି ବିଶ୍ୱ କରୁଣା । ଯଦି ସେହି ସର୍ବୋଚ୍ଚ ଗୁଣଟିକୁ ହାସଲ କରାଯାଇ ପାରିବ, ତେବେ ସବୁକିଛି ସହଜ ହୋଇଯିବ । ଅହିଂସା ରହିଲେ ଅନନ୍ତ ଧୈର୍ଯ୍ୟ, ଅନ୍ତର୍ଗତ ସ୍ଥିରତା, ବିବେକ, ଆତ୍ମତ୍ୟାଗ ତଥା ଯଥାର୍ଥ ଜ୍ଞାନ, ଏହି ସବୁକିଛି ରହିବ ।

# ରକ୍ତହୀନତା ଦୂର କରେ ଖଜୁରି

ଶରୀରକୁ ସୁସ୍ଥ ରଖିବାକୁ ହେଲେ ସଠିକ୍ ଭୋଜନ ଏବଂ ବ୍ୟାୟାମ କରିବା ସହିତ ଋତୁ ଅନୁଯାୟୀ ଫଳ ଓ ପରିବା ଖାଇବା ନିୟମିତ ଜରୁରୀ । ବିଭିନ୍ନ ପ୍ରକାର କୋଳିରେ ମଧ ବହୁ ପ୍ରକାର ଗୁଣ ରହିଛି । ଏହି ପରିପ୍ରେକ୍ଷୀରେ ନିକଟରେ ନ୍ୟୁଟ୍ରିନିଷ୍ଟ ରୁଜୁତା ଦିବେ ନିଜ ଇନଷ୍ଟାଗ୍ରାମରେ ଖଜୁରିର ପୌଷ୍ଟିକ ମୂଲ୍ୟ ବାବଦରେ ବୁଝାଇଛନ୍ତି । ରୁଜୁତାଙ୍କ କହିବା ଅନୁଯାୟୀ, ଆମେ ଖାଉଥିବା ଖଜୁରି ପାଟିକୁ ଯେତିକି ସ୍ୱାଦୁକର ସେହିପରି ଏହା ଔଷଧୀୟ ଗୁଣର ଭଣ୍ଡାର ମଧ । ଖଜୁରି ଖାଇବା ଦ୍ୱାରା ତ୍ୱଚାରେ ଚମକ ଫେରିଥାଏ । ବିଭିନ୍ନ ପ୍ରକାରର ଏଲର୍ଜି ତଥା ଏନ୍ୟାନ୍ୟ ରୋଗ ସଂକ୍ରମଣରୁ ଏହା ସୁରକ୍ଷା ଦେଇଥାଏ । ସୁଖନିଦ୍ରା ପାଇଁ ଅଧିକାଂଶ ବ୍ୟକ୍ତି ଖଜୁରି ଖାଇବାକୁ ପସନ୍ଦ କରନ୍ତି । ଏହା ଶରୀରରେ ଶକ୍ତି ବଢ଼ାଇବା ସହିତ ହିମୋଗ୍ଲୋବିନ ସ୍ତରରେ ମଧ ସୁଧାର ଆଣିଥାଏ ।

ଖଜୁରିରେ ଅଧିକ ମାତ୍ରାରେ ଫାଇବର, ପ୍ରୋଟିନ, ପୋଟାସିୟମ, ମ୍ୟାଗ୍ନେସିୟମ, କପର, ମାଙ୍ଗାନିଜ, ଆଇରନ ଏବଂ ଭିଟାମିନ୍ ବି ୬ ରହିଛି । ଖଜୁରିରେ ଭିଟାମିନ୍ ବି ଏବଂ ସି ରହିଥିବା ଯୋଗୁଁ ଏହା ଚର୍ମକୁ ଲୋଚାକୋଚା ହେବାରୁ ରକ୍ଷା କରିଥାଏ । ଏଥିରେ ଥିବା ଅତିରିକ୍ତ ଫାଇବର ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ ।

ଯେଉଁମାନଙ୍କ ଠାରେ ହିମୋଗ୍ଲୋବିନ ସ୍ତର କମ୍ ଥାଏ । ସେମାନେ ସକାଳ କିମ୍ବା ଦ୍ୱିପ୍ରହର ଖାଦ୍ୟ ପରେ ଖଜୁରି ଖାଇ ପାରିବେ । ପିଲାମାନେ ମଧ୍ୟାହ୍ନ ଭୋଜନ ସମୟରେ ଖଜୁରି ଖାଆନ୍ତୁ । ଯେଉଁମାନଙ୍କର ଗ୍ୟାସ କିମ୍ବା ଏସିଡିଟି ରହିଛି ସେମାନେ ଖଜୁରି ଖାଇବା ବେଶ୍ ଲାଭଦାୟକ ସାବ୍ୟସ୍ତ ହୋଇଥାଏ ।

ଖଜୁରିରେ ମୁଖ୍ୟ ରୂପେ ଆଣ୍ଟିଅକ୍ସିଡାଣ୍ଟ ଫ୍ଲେବୋନୋଇଡସ ପରି



ରୋଗ ଦୂର କରେ, କ୍ୟାରୋଟିନ୍ ଫେନୋଲିକ୍ ଏସିଡ ରହିଥାଏ । ଯାହା ହୃଦରୋଗ ଜନିତ ସମସ୍ୟାର ସମାଧାନ ରୋକିଥାଏ ।

ଖଜୁରିରେ ଥିବା ପୋଟାସିୟମ ରକ୍ତଚାପକୁ ନିୟନ୍ତ୍ରଣ କରିଥାଏ । କାରଣ ଶରୀରରେ ପୋଟାସିୟମ ମାତ୍ରା କମ ରହିଲେ ବୃକକରେ ପଥର ଜମିଥାଏ । ସେହିପରି ଆଇରନ ଅଭାବରୁ ଆମ ଶରୀରରେ ଦେଖା ଦେଉଥିବା ରକ୍ତହୀନତା ସମସ୍ୟା ଦୂର କରିଥାଏ ଖଜୁରୀ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସ୍ମରଣ ଶକ୍ତି ବୃଦ୍ଧି କରିବାରେ ଖଜୁରୀର ବିଶେଷ ଅବଦାନ ରହିଛି ।

# ହୃଦ୍‌ରୋଗ ଆଶଙ୍କା କମାଏ ଦହି

ଦୈନନ୍ଦିନ ଖାଦ୍ୟରେ ଦହିକୁ ସାମିଲ କଲେ ହୃଦରୋଗ ଆଶଙ୍କା ଦୂର ହୁଏ ବୋଲି ଏକ ଅଧ୍ୟୟନରୁ ଜଣାପଡିଛି । ଆମେରିକାନ୍ ଜର୍ଣ୍ଣାଲ ଅଫ୍ ହାଇପରଟେନସନ୍‌ରେ ପ୍ରକାଶିତ ଏକ ଲେଖାରେ ଏହା ପ୍ରକାଶ ପାଇଛି । ସେଥିରେ କୁହାଯାଇଛି ଯେ, ସେମାନେ ପ୍ରାୟ ୩୦ ରୁ ୩୫ ବର୍ଷ ବୟସର ୫୫ ହଜାର ମହିଳାଙ୍କୁ ନେଇ ଗବେଷଣା କରିଥିଲେ । ଗବେଷଣାରୁ ଜଣାଗଲା ଯେ, ମହିଳାମାନେ ଦୈନିକ ଖାଦ୍ୟରେ ଦହି ସାମିଲ କରିବାରୁ ସେମାନଙ୍କ କ୍ଷେତ୍ରରେ ହୃଦରୋଗ ଆଶଙ୍କା ୧୬ ପ୍ରତିଶତ ହ୍ରାସ ପାଇଥିଲା ।



# ମଧୁମେହ ପ୍ରତିରୋଧୀ ଘରୋଇ ପଥ୍ୟ



ମଧୁମେହ ଖାଦ୍ୟ ଏବଂ ଜୀବନ ଶୈଳୀ ସହ ସଂପର୍କିତ । ଆଜିକାଲି ଜିନ୍ ଦୋଷରୁ ଏପରିକି ଶିଶୁ ମଧ ମଧୁମେହ ଭୋଗୁଛନ୍ତି । ଭାରତରେ ଟାଇପ୍ ୨ ମଧୁମେହ ଭୋଗୁଥିବା ରୋଗୀଙ୍କ ସଂଖ୍ୟା ବିଶ୍ୱରେ ସବୁଠାରୁ ଅଧିକ । ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ଦ୍ୱାରା ମଧୁମେହକୁ କିଛି ପରିମାଣରେ ରୋକା ଯାଇପାରେ । ପ୍ରତି ଦିନ ସକାଳେ ଖାଲି ପେଟରେ ତାଜା କଲରା ରସ ପିଇଲେ ମଧୁମେହ ନିୟନ୍ତ୍ରଣରେ ରହେ । ଜଳଖିଆରେ କଲରା ଚିପ୍ସ ବା କଲରା ପ୍ରସ୍ତୁତ ଯେକୌଣସି ଖାଦ୍ୟ ଖାଇ ପାରନ୍ତି । ରାତିରେ ୧.୪ ଚାମଚ ମେଥି ପାଣିରେ ବତୁରାନ୍ତୁ । ସକାଳୁ ଖାଲି ପେଟରେ ପାଣି ସହ ମେଥି ଚୋବାଇ ଚୋବାଇ ଖାଆନ୍ତୁ । ପ୍ରତି ଦିନ ପିଜୁଳି ଚୋପା ବାଛି ଖାଆନ୍ତୁ । ଚୋପା ନ ବାଛି ଖାଇଲେ ରକ୍ତ ଶର୍କରା ବଢ଼େ । ନିୟମିତ ତ୍ରିଫଳା ଚୂର୍ଣ୍ଣ ଖାଆନ୍ତୁ । ମଧୁମେହ ରୋଗୀଙ୍କ ଲାଗି ଜାମୁକୋଳି ଭଲ । ବର୍ଷର ସବୁ ସମୟରେ ଜାମୁକୋଳି ମିଳେନାହିଁ । ତେଣୁ, ମିଳୁଥିବା ବେଳେ ଅଧିକ ପରିମାଣରେ ସଂଗ୍ରହ କରି, ମଞ୍ଜିକୁ ଶୁଖାଇ, ଗୁଣ୍ଡକରି ରଖନ୍ତୁ, ପାଣିରେ ଗୋଳାଇ ଦିନରେ ଦୁଇ ଥର ପିଅନ୍ତୁ । ଚାହା ବା କଫିରେ ଚିନି ବଦଳରେ ମହୁ ପକାନ୍ତୁ । ବିନା ଚିନିରେ କଳା କଫି ପିଅନ୍ତୁ ।

## ଚମତ୍କାରୀ ମେଥିଶାଗ



ମେଥି ଶାଗ ପେଟ ପାଇଁ ବେଶ୍ ଲାଭଦାୟକ । ଏଥିରେ ଆଇରନ୍, କ୍ୟାଲସିୟମ, ଫସ୍‌ଫରସ ତଥା ପ୍ରୋଟିନ୍ ଏବଂ ଭିଟାମିନ୍ 'କେ' ପ୍ରଚୁର ମାତ୍ରାରେ ମିଳିଥାଏ । ପେଟ ସମ୍ବନ୍ଧୀୟ ଯେକୌଣସି ରୋଗ ହେଉ, ମେଥିଶାଗ ସେବନ ଦ୍ୱାରା ସେଥିରୁ ଉପଶମ ମିଳିଥାଏ । ଏହାଛଡ଼ା ଉଚ୍ଚ ରକ୍ତଚାପ, ମଧୁମେହ, ବାନ୍ତି ତଥା ଆମ୍ବିଳା ହାକୁଟି ଭଳି ସମସ୍ୟା ପାଇଁ ଏହା ରାମବାଣ ପରି କାମକରେ । ମେଥି ଶାଗରେ ଅଦା, ଗରମ ମସଲା ଦେଇ ରାନ୍ଧି ଖାଇଲେ ନିମ୍ନ ରକ୍ତଚାପ ଏବଂ କୋଷ୍ଠକାଠିନ୍ୟରୁ ଆରୋଗ୍ୟ ମିଳେ । ସକାଳ ଓ ସନ୍ଧ୍ୟାରେ ମେଥିଶାଗ ରସ ପିଇବା ଦ୍ୱାରା ଶରୀରରେ ଶର୍କରା ସ୍ତର ନିୟନ୍ତ୍ରଣରେ ରହିଥାଏ । ଏଥିରେ ଥିବା ପାଚକ ଏନଜାଇମ୍ ଅଗ୍ନାଶୟକୁ ଅଧିକ କ୍ରିୟାଶୀଳ କରିଥାଏ ।

## ଅଧିକ ଖାଇଲେ ସ୍ମୃତି ଶକ୍ତି କମେ !



ଆବଶ୍ୟକତାଠାରୁ ଅଧିକ ଭୋଜନ ମଧୁମେହ, ଉଚ୍ଚ ରକ୍ତ ଚାପ ଏବଂ ହୃଦଘାତ ଆଦି କରାଉଥିବା ପୂର୍ବରୁ ଜଣାଥିଲା । ଅଧିକ ଖାଇଲେ ସ୍ମୃତି ଶକ୍ତି କମୁଥିବା ଏବେ ଜଣାପଡିଛି । ଅଧିକ ଖାଦ୍ୟ ଶରୀରରେ କ୍ୟାଲୋରି ବଢ଼ାଏ ଏବଂ ଯାହା ଦ୍ୱାରା ମସ୍ତିଷ୍କ ଉପରେ ଚାପ ପଡେ । ଫଳରେ ସ୍ମୃତି ଶକ୍ତି ହ୍ରାସ ଜନିତ ରୋଗ ଯଥା ଡିମେନସିଆ, ଅଲଝାଇମର୍ସ ଆଦିର ଆଶଙ୍କା ବଢ଼େ । ଅଧିକ ଖାଉଥିବା ବୟସ୍କଙ୍କ କ୍ଷେତ୍ରରେ ସ୍ମୃତି ଶକ୍ତି ହ୍ରାସ ଅଧିକ ଦେଖାଯାଉଛି ।

# ସାଇନସ୍ ସମସ୍ୟା ଦୂର କରେ କଞ୍ଚା ଲଙ୍କା



କଞ୍ଚା ଲଙ୍କାରେ କ୍ୟାପସାଇସିନ ନାମକ ତତ୍ତ୍ୱ ରହିଛି । ଏହା ରକ୍ତ ସଞ୍ଚାଳନ ସୁଗମ କରିଥାଏ । ଯାହା ଫଳରେ ସର୍ଦ୍ଦି ବେଳେ ସାଇନେସ ଭଳି ସମସ୍ୟାରୁ ମୁକ୍ତି ମିଳିଥାଏ ।

ଯନ୍ତ୍ରଣା ଦୂର କରେ: କଞ୍ଚା ଲଙ୍କା ଖାଇବା ଫଳରେ ଶରୀରର ଉଷ୍ମତା ବାହାରିଯାଏ ଓ ଏହାଦ୍ୱାରା ଶାରୀରିକ ଯନ୍ତ୍ରଣା ତୁରନ୍ତ ଦୂର ହୋଇଥାଏ ।

ଥଣ୍ଡା ସ୍ଥାନରେ ରଖିବା ଉଚିତ: ଲଙ୍କାରେ ଭିଟାମିନ୍ ପ୍ରଚୁର ମାତ୍ରାରେ ରହିଥାଏ । କଞ୍ଚା ଲଙ୍କା ଥଣ୍ଡା ସ୍ଥାନରେ ରଖିବା ଉଚିତ । ଏହାର ପୋଷକ ତତ୍ତ୍ୱ ବାୟୁ, ଗରମ ଓ ଆଲୋକ ସମ୍ପର୍କରେ ଆସି ଧୀରେ ଧୀରେ ଶେଷ ହୋଇଯାଏ ।

ମୁଡ୍ ଠିକ୍ ରଖେ: କଞ୍ଚା ଲଙ୍କାରେ ବିଭିନ୍ନ ପ୍ରକାରର ଇଣ୍ଡର୍ଫିନ କେମିକାଲ ରିଲିଜ୍ କରିଥାଏ, ଯାହା ମୁଡକୁ ନିୟନ୍ତ୍ରଣ କରେ ଓ ଏନଜାଇମ୍‌କୁ ଶକ୍ତ କରିଥାଏ । ଏହା ଆମ ଭିତରେ ସବୁବେଳେ ଉତ୍ତମ ଭାବ ପ୍ରକାଶ କରିଥାଏ ।

ସୁଗାର ନିୟନ୍ତ୍ରକ: ଡାୟବେଟିକ୍ ରୋଗୀ କଞ୍ଚା ଲଙ୍କା ଖାଇବା ଉଚିତ୍ । ଏହି ଲଙ୍କା ବ୍ଲଡ ସୁଗାର ଲେବଲ କମ୍ କରିବାରେ ସାହାଯ୍ୟ କରେ ।

ଆଇରନର ଉତ୍ସ: କଞ୍ଚା ଲଙ୍କା ଆଇରନର ମୁଖ୍ୟ ଉତ୍ସ । ଏଥିପାଇଁ ଚିକିତ୍ସକମାନେ ସବୁବେଳେ ଆଇରନ କମ୍ ଥିବା ଲୋକଙ୍କୁ କଞ୍ଚା ଲଙ୍କା ଖାଇବାକୁ ପରାମର୍ଶ ଦେଇଥାନ୍ତି ।

ତ୍ୱଚା ସଂକ୍ରମଣ ଦୂର କରେ: କଞ୍ଚା ଲଙ୍କାର ଆଣ୍ଟିବ୍ୟାକ୍ଟେରିଆର ଗୁଣ ରହିଛି । ଶରୀରରେ କୌଣସି ପ୍ରକାରର ସ୍କିନ୍ ଇନ୍‌ଫେକସନ ବା ସଂକ୍ରମଣ ହେବାକୁ ଦିଏନି । ଯଦି ସଂକ୍ରମଣ ହୋଇଥାଏ ତାହାକୁ ତାହା ଭଲ କରେ ।

ରକ୍ତ ରୋକିବାରେ ସହାୟକ: କଞ୍ଚା ଲଙ୍କାରେ ପ୍ରଚୁର ଭିଟାମିନ୍ ରହିଛି । ଏହାକୁ ଖାଇବା ଦ୍ୱାରା ବ୍ଲଡ କ୍ଲଟିଂ ସମସ୍ୟା ସୁଧାରିଯାଏ ।

## ଚିନ୍ତା ଦୂର କରେ ସାଇକେଲ ଚାଳନା

ସୁସ୍ଥ ରହିବା ପାଇଁ ସାଇକେଲ ଚାଳନା ଏକ ବଳିଷ୍ଠ ମାଧ୍ୟମ । ଓଜନ ସନ୍ତୁଳିତ ରଖିବା ସହ ଅବସାଦ ଓ ଚିନ୍ତା ଦୂର କରିବାରେ ମଧ ଏହା ଖୁବ୍ ସହାୟକ ହୋଇଥାଏ । ତା' ସହ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ତ ଉପକାର ମିଳିଥାଏ ।



ସାଇକେଲ ଚାଳନା ଏକ ଏରୋବିକ ବ୍ୟାୟାମ ହୋଇଥିବା ଯୋଗୁଁ ଏଥିରୁ ଅନେକ ଉପକାର ମିଳିଥାଏ । ହୃଦୟ ଜନିତ ସମସ୍ତ ସମସ୍ୟା ଦୂର କରିବାରେ ସହାୟକ ହୋଇଥାଏ । ମସ୍ତିଷ୍କରେ ସିରୋଟେନିନ, ଡିପୋମାଇନ ଓ ଫେନିଲୋଇଥିଲାମୀନ ପରି ଉତ୍ପାଦନ ବଢ଼ିବାରୁ ସମସ୍ତ ଚିନ୍ତା ଦୂର ହେବା ସହ ଖୁସି ଅନୁଭବ ହୋଇଥାଏ ।

ଲଗାତାର ଭାବେ ସାଇକେଲ ଚଳାଇଲେ ଆଣ୍ଠୁଗଣ୍ଠି ଯନ୍ତ୍ରଣାଜନିତ ସମସ୍ୟା ଦୂର ହୋଇଥାଏ । ଦୌଡିବା ବଦଳରେ ସାଇକେଲ ଚଳାଇଲେ ଆପଣଙ୍କ ଗୋଡ଼ ଉପରେ କମ୍ ଚାପ ପଡିଥାଏ ଏବଂ ମାଂସପେଶୀର ବ୍ୟାୟାମ ହୋଇଥାଏ ।

ମଧୁମେହ ରୋଗୀ କିନ୍ତୁ ସାଇକେଲ ଚଳାଇବା ସମୟରେ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ । ଯେପରିକି ସାଇକେଲ ଚଳାଇବା ପୂର୍ବରୁ ପର୍ଯ୍ୟାପ୍ତ ପରିମାଣରେ ପାଣି ପିଇବା ଦରକାର । ଟାଇପ ୧ ଶ୍ରେଣୀୟ ମଧୁମେହ ରୋଗୀ ୧ ଘଣ୍ଟାରୁ କିଛି ଶ୍ୱେତସାର ଜାତୀୟ ଖାଦ୍ୟ ରଖନ୍ତୁ । ନିୟମିତ ସାଇକେଲ ଚାଳନା ପୂର୍ବରୁ କିମ୍ବା ପରେ ସୁଗାର ପାଣି ନିଅନ୍ତୁ । ଏହି ପରୀକ୍ଷା ଫିଂଗର ଷ୍ଟିକ୍ ଷ୍ଟାଇଲ୍ ଗ୍ଲୁକୋଜ ମିଟରରେ କରାଇ ପାରିବେ ।

## ଦୈନିକ ବାଇଗଣ ଖାଇବା ଭଲ

ବିଶ୍ୱରେ ପ୍ରତି ୧୦ଜଣରେ ୫ ଜଣ ବାଇଗଣ ଖାଇବାକୁ ପସନ୍ଦ କରନ୍ତି । ସବୁଠାରୁ ଅଧିକ ଜାପାନ ଓ ଭାରତରେ ଏହି ପରିବାର ବ୍ୟବହାର ହୋଇଥାଏ । ନିକଟରେ ଆମେରିକାର କିଛି ଗବେଷକ ମତ ପ୍ରକାଶ କରିଛନ୍ତି ଯେ, ଦୈନିକ ବାଇଗଣ ଖାଇବା ଶରୀର ପାଇଁ ଭଲ ।



ବାଇଗଣ ଭର୍ତ୍ତାରେ ଅଳ୍ପ ମହୁ ମିଶାଇ ଖାଇଲେ ସୁନିଦ୍ରା ହୁଏ । ତରକାରିରେ ଏହା ଖାଇବା ଖୁବ୍ ଭଲପ୍ରଦ । ବାଇଗଣ ସୁପରେ ହେଙ୍ଗୁ ଓ ରସୁଣ ସମପରିମାଣରେ ମିଶାଇ ଖାଇଲେ ଅମ୍ଳ ରୋଗରୁ ମୁକ୍ତି ମିଳେ । ଆଫ୍ରିକୀୟ ଆଦିବାସୀଙ୍କ ମତରେ ବାଇଗଣ ପୋଡ଼ାକୁ ଗୋଟା ଖାଇଲେ କାଶ ସମସ୍ୟାରୁ ମୁକ୍ତି ମିଳେ । ସକାଳୁ ଖାଲି ପେଟରେ ବାଇଗଣ ଭର୍ତ୍ତାରେ ଅଳ୍ପ ଚିନି ମିଶାଇ ଖାଇଲେ ରକ୍ତ ଜନିତ ରୋଗର ଆଶଙ୍କା କମ୍ ହୁଏ । ଗବେଷକଙ୍କ ମତରେ ବିଷାକ୍ତ ଛତୁ ଖାଇଲେ, ଗୋଟା ବାଇଗଣକୁ ଚକଟି ତୁରନ୍ତ ଖାଇଲେ ବିଷ କ୍ରିୟା ପ୍ରଭାବହୀନ ହୋଇଥାଏ । ଏଥିରେ ଖାଦ୍ୟ ତନ୍ତୁ ପ୍ରଚୁର ପରିମାଣରେ ଥାଏ । ଟାଇପ୍ ୨ ମଧୁମେହ ରୋଗୀ ଏହାକୁ ନିୟମିତ ଖାଇଲେ ଶର୍କରା ନିୟନ୍ତ୍ରଣରେ ରହେ ।

ହୃଦରୋଗୀଙ୍କ ପାଇଁ ଏହା ଏକ ଉତ୍ତମ ପରିବା ।

## ସ୍ୱାସ୍ଥ୍ୟ ଉପଯୋଗୀ ମୂଳା

ମୂଳା ସାଧାରଣତଃ ଏକ ଶୀତ ଦିନିଆ ପରିବା । ମୂଳା ମାଟି ତଳେ ଫଳିଥାଏ ଓ ଏହାର ଉପର ଅଂଶ ମୋଟା ହୋଇଥିବା ବେଳେ କ୍ରମଶଃ ତଳଆଡ଼କୁ ପତଳା ଚେର ରହିଥାଏ । ବିଭିନ୍ନ ପ୍ରକାରର ଓ ବିଭିନ୍ନ ରଙ୍ଗର ମୂଳା ମିଳେ । ମୂଳାର ପତ୍ର ଉପରକୁ ଦେଖାଯାଇଥାଏ । ବିଶେଷ କରି ନାଲି ଓ ଧଳା ମୂଳାକୁ ଆମେ ଖାଦ୍ୟ ଭାବେ ବ୍ୟବହାର କରିଥାଉ । ମୂଳା ଖାଇବା ଫଳରେ ବହୁ ପ୍ରକାର ରୋଗରୁ ମୁକ୍ତି ମିଳିଥାଏ ।

ଭିଟାମିନ୍‌ରେ ଭରପୁର: ମୂଳା ଖାଇଲେ ପାଚନ ଶକ୍ତି ବଢ଼ିଥାଏ । ମୂଳା ପତ୍ରକୁ ମଧ ଖାଇବା ଭଲ । ଏଥିରେ ପ୍ରୋଟିନ୍, କ୍ୟାଲସିୟମ, ଆୟୋଡିନ ଓ ଆଇରନ ଭରପୁର ମାତ୍ରାରେ ରହିଛି । ଏହାକୁ ବିଶେଷ କରି ସାଲାଡ଼ ଭାବେ ଖିଆଯାଏ । ମୂଳାରୁ କ୍ଲୋରିନ, ଫସଫରସ, ସୋଡିୟମ ଓ ମ୍ୟାଗ୍ନେସିୟମ ମଧ ମିଳିଥାଏ । ମୂଳାରେ ଭିଟାମିନ୍ ଏ, ବି, ଓ ସି ମଧ ରହିଛି । ଯାହା ପେଟ ଓ ମୂତ୍ର ବିକାର ପାଇଁ ଲାଭଦାୟକ ହୋଇଥାଏ ।

ସ୍ୱାସ୍ଥ୍ୟ ଉପଯୋଗୀ: ପେଟ ପାଇଁ ମୂଳା ଖୁବ୍ ଲାଭଦାୟକ । ପେଟର ବହୁ ରୋଗ ଦୂର କରିଥାଏ । ମୂଳା ରସ ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ । ଯଦି ପେଟରେ ଭାରିପଣ ଅନୁଭବ ହୋଇଥାଏ ତେବେ ମୂଳା ରସରେ ଲୁଣ ମିଶାଇ ପିଇଲେ ଆରାମ ମିଳିଥାଏ । ଯଦି ଅଧିକ ପରିସ୍ରା ହେବାର ଚିନ୍ତା ରହିଛି ତ ମୂଳା ରସ ସେବନ କରନ୍ତୁ । ପରିସ୍ରା ଆସିବାରେ ବନ୍ଦ କିମ୍ବା ପରିସ୍ରା



ଜ୍ୱଳନ ହେଉଥାଏ । ତେବେ ମୂଳା ରସ ଖୁବ୍ ଉପକାରୀ ପ୍ରମାଣିତ ହୋଇଥାଏ ।

ମୂଳା ଖାଇବା ଫଳରେ ଲିଭର ମଜବୁତ ହୋଇଥାଏ । ପ୍ଲୀହା ରୋଗୀଙ୍କୁ ଦୈନିକ ଭୋଜନରେ ମୂଳା ଦେବା ଉଚିତ ।

ଗଳା ସୁଜନରେ ମୂଳାର ପାଣି, ସୈନ୍ଧବ ଲବଣ ମିଶାଇ ଗରମ କରି ଏହାକୁ କୁଳି କରନ୍ତୁ । ମୂଳା ରସ ହୃଦରୋଗୀଙ୍କ ପାଇଁ ଖୁବ୍ ଫଳପ୍ରଦ ।

ମୂଳାକୁ ଘିଅରେ ଭାଜି ଖାଇବା ଫଳରେ ପିତ୍ତଦୋଷ ଓ କଫ ଦୋଷ ଭଲ ହୋଇଥାଏ ।

ମୂଳା ଅନ୍ୟ ସମସ୍ତ ଖାଦ୍ୟକୁ ହଜମ କରିଦେଇଥାଏ ।

ମୂଳା ରସରେ ଅଳ୍ପ ଲୁଣ ଓ ଲେମ୍ବୁ ମିଶାଇ ନିୟମିତ ପିଇବା ଫଳରେ ମେଦବହୁଳତା କମିଥାଏ ।

ସକାଳୁ ମୂଳା ପତ୍ରକୁ ସୈନ୍ଧବ ଲବଣ ସହ ମିଶାଇ ଚୋବାଇଲେ ମୁହଁ ଦୁର୍ଗନ୍ଧ ଦୂର ହୋଇଥାଏ ।

ମୂଳା ଥକ୍କାପଣ ଦୂର କରିବା ସହିତ ଭଲ ନିଦ କରାଏ ।

ପିଲାଙ୍କ ପେଟର କୃମିକୁ ସମୂହଳ ନଷ୍ଟ କରିବା ପାଇଁ କଞ୍ଚା ମୂଳା ଭଲ କାମ କରିଥାଏ ।

ଉଚ୍ଚ ରକ୍ତଚାପ ରୋକିବାରେ ମୂଳା ସହାୟକ ହୋଇଥାଏ । ପେଟ ସମ୍ବନ୍ଧୀୟ ରୋଗ ପାଇଁ ମୂଳା ରସ ଓ ଅଦା ରସ ସହିତ ଲେମ୍ବୁ ମିଶାଇ ନିୟମିତ ପିଇଲେ ଲାଭ ମିଳିଥାଏ ।

ମୂଳା ତ୍ୱଚା ରୋଗ ପାଇଁ ଖୁବ୍ ଲାଭଦାୟକ । ଧଳା ଛଉ ପାଇଁ ମୂଳା ପତ୍ର ଓ ମଞ୍ଜି ଉଭୟକୁ ବାଟି ଛଉ ସ୍ଥାନରେ ଲେପ ଦେବା ଫଳରେ ଦାଗ ଚାଲିଯାଏ ।

## ରାମକଥା




ରାମ ରାଜ୍ୟରେ ଅଯୋଧାର ପ୍ରଜାଙ୍କୁ ଯେଉଁ ସୁଖ ମିଳିଥିଲା ତାହା ଅଦ୍ୟାବଧି ସ୍ୱର୍ଗର ଦେବତାଙ୍କୁ ବି ମିଳି ନାହିଁ ।

ଶ୍ରୀ ସୀତାରାମ ସୁବର୍ଣ୍ଣ ସିଂହାସନରେ ବିରାଜମାନ କରୁଥିଲେ । ଅଯୋଧାର ଭାଗ୍ୟବାନ ପ୍ରଜାମାନଙ୍କର ମନ ଶ୍ରୀସୀତାରାମଙ୍କୁ ଦର୍ଶନ କରି କରି ବି ସନ୍ତୁଷ୍ଟ ହେଉ ନ ଥିଲା । ଭାଟଜନ, ବନ୍ଦୀଜନ, ଶ୍ରୀସୀତାରାମଙ୍କର ସ୍ତୁତି କରୁଥିଲେ । ଜଣେ ବନ୍ଦୀଜନ ଶ୍ରୀ ସୀତାରାମଙ୍କୁ ବାରମ୍ବାର ବନ୍ଦ କରି କହିଲା- ମହାରାଜ ! ଆପଣଙ୍କୁ ଖରାପ ନଲାଗିଲେ ମୁଁ ଆପଣଙ୍କୁ କିଛି କୁହନ୍ତି ।

ଶ୍ରୀରାମ କହିଲେ, ମୋତେ ଆଦୌ ଖରାପ ଲାଗିବ ନାହିଁ । ତୁମର ଯାହା ଇଚ୍ଛା ହେଉଛି ତାହା କୁହ ।

ବନ୍ଦୀଜନ କହିଲା, 'ମହାରାଜ ! ମୁଁ କ'ଣ କହିବି ଆଜ୍ଞା ? ମୁଁ ଆସୁଥିଲି । ବାଟରେ ଆପଣଙ୍କର ଜଣେ ପତ୍ନୀଙ୍କୁ ଦେଖିଲି । ସେ ବହୁତ ଅସହାୟ ଅବସ୍ଥାରେ ଥିଲେ । ଆପଣ ତାଙ୍କୁ କ୍ଷମା କରନ୍ତୁ ।

ଶ୍ରୀରାମ ହସି ହସି କହିଲେ, ମୁଁ ତ ଏକପତ୍ନୀ ବ୍ରତ ପାଳନ କରୁଛି । ରାବଣ ସୀତାଙ୍କୁ ନେଇଯାଇଥିଲା । ରାବଣକୁ ମାରି ମୁଁ ସୀତାଙ୍କୁ ନେଇ ଆସିଛି । ତୁ ବାଟରେ ଅନ୍ୟ କାହାର ସ୍ତ୍ରୀକୁ ଦେଖିଥିବୁ ।

ଭାଟ କହିଲା, ନାଇଁ ଆଜ୍ଞା ! ମୁଁ ଆପଣଙ୍କର ପତ୍ନୀଙ୍କୁ ହିଁ ଭେଟିଛି । ମହାରାଜ ! ଆପଣଙ୍କର ଅନେକ ସ୍ତ୍ରୀ ଅଛନ୍ତି, ମୁଁ ଏହା ଭଲ ରୂପରେ ଜାଣିଛି । ଲକ୍ଷ୍ମୀ ଆପଣଙ୍କର ପାଦରେ ଥାଆନ୍ତି । ଆପଣ ହେଉଛନ୍ତି ଲକ୍ଷ୍ମୀଙ୍କର ପତି । ସରସ୍ୱତୀ ଆପଣଙ୍କ ମୁହଁରେ ଅଛନ୍ତି । ଏଣୁ କୀର୍ତ୍ତିଦେବୀ ରହିବା ପାଇଁ କୌଣସି ସ୍ଥାନ ପାଇଲେ ନାହିଁ । ତେଣୁ ସେ ଘରେ ରହିପାରିଲେ ନାହିଁ । ଏଣୁ ସେ ସଂସାରଯାକ ଇତସ୍ତତଃ ବୁଲୁଛନ୍ତି, ଆପଣଙ୍କର ସେହି କୀର୍ତ୍ତି ଜଗତଯାକ ବୁଲିଗଲାଣି ।

ଗୃହେ ତିଷ୍ଠତି ତେ ଲକ୍ଷ୍ମୀ ବାଗଦେବୀ ଚ ସରସ୍ୱତୀ ।

ତସ୍ମାତ୍‌କୁପିତା ତୁ ରାମ କୀର୍ତ୍ତିର୍ଯାତା ଦିଗନ୍ତରମ୍ ।

ଆପଣ ଲକ୍ଷ୍ମୀଙ୍କୁ ପାଦରେ ସ୍ଥାନ ଦେଇଛନ୍ତି । ସରସ୍ୱତୀଙ୍କୁ ମୁଖରେ । ତେଣୁ ଏଠାରେ ରହିବାର କୌଣସି ସ୍ଥାନ ପ ପାଇ କୀର୍ତ୍ତିଦେବୀ ସମଗ୍ର ଜଗତରେ ବୁଲୁଛନ୍ତି । ଏହି ଭଳି ଭାଟମାନେ ଶ୍ରୀରାମଙ୍କର ଯୁକ୍ତି ପୂର୍ବକ ସ୍ତୁତି କରି କହନ୍ତି ଯେ ଆପଣଙ୍କ କୀର୍ତ୍ତି ଦିଗବିଦିଗରେ ପ୍ରସାରିତ ହୋଇଗଲାଣି । ଆଜି ପ୍ରଜାମାନେ ଅତି ସୁଖୀ । ହେ ନାଥ । ଆପଣଙ୍କର ଜୟ ହେଉ ।

ଶ୍ରୀରାମ ବିନା ଆରାମ ନାହିଁ । ଜଗତରେ ଯେତେ ମହାପୁରୁଷ ପରିପୂର୍ଣ୍ଣ ଶାନ୍ତି ପାଇଛନ୍ତି, ସେହି ମହାପୁରୁଷମାନେ ଶ୍ରୀରାମଙ୍କର ସେବା କରୁଛନ୍ତି । ଶ୍ରୀରାମ ଦର୍ଶନରେ ହିଁ ଶାନ୍ତି ମିଳେ ।

ରାମକୃପା ବିନୁ ସପନେ ହୁଁ, ଜୀବ ନ ଲହ ବିଶ୍ରାମ ।

ଆମେ ଯେଉଁ ଧର୍ମକୁ ମାନୁଥାଉ ପଛେ, ଆମର ଇଷ୍ଟଦେବ ଯିଏ ବି ହୋଇଥାନ୍ତୁ ପଛେ, ଶ୍ରୀରାମଚନ୍ଦ୍ରଙ୍କ ସେବା ଆମକୁ କରିବାକୁ ପଡିବ । ଶ୍ରୀରାମଙ୍କ ସେବା ବିନା କାହାର ବି ମନ ଶୁଦ୍ଧ ହୋଇପାରେ ନାହିଁ । ଆମେ ଶ୍ରୀରାମଙ୍କୁ ଫୁଲ ଦେଲେ, ଭୋଗ ଦେଲେ, ଦୀପ ଆଳତି ଆଦି ଦେବା ହେଉଛି ସାଧାରଣ ସେବା । ଆମେ ଯଦି ଶ୍ରୀରାମଙ୍କର ମର୍ଯ୍ୟାଦା ଉତ୍ତମରୂପେ ପାଳନ କରୁଥିବା ତେବେ ତାହା ହେଉଛି ତାଙ୍କ ପ୍ରତି ଆମର ଶ୍ରେଷ୍ଠ ସେବା । ଆଚରଣ ଶ୍ରୀରାମଙ୍କ ଭଳି ହେବା ଉଚିତ ।

ପୁରୁଷଙ୍କ ଜୀବନ ଶ୍ରୀରାମଙ୍କ ଭଳି ହେବା ଉଚିତ । ସୀତା ଜଗତକୁ ସ୍ତ୍ରୀ ଧର୍ମ ଶିକ୍ଷା ଦେଇଛନ୍ତି । ମାନବ ସ୍ୱଧର୍ମ ପାଳନ କରୁଥିଲେ ତାକୁ ବହୁତ ଶାନ୍ତି ମିଳେ । ନିଜର କର୍ତ୍ତବ୍ୟ କ'ଣ ମଣିଷର ଏହା ଜାଣିବାକୁ ଇଚ୍ଛା ହୁଏ ନାହିଁ । ଅନେକ ନିଜର କର୍ତ୍ତବ୍ୟ ତ ଜାଣନ୍ତି ହେଲେ ତାହା ପାଳନ କରନ୍ତି ନାହିଁ ।

ଆମେ କେହି ଆକାଶରୁ ପୃଥିବୀକୁ ଖସିପଡି ନାହେଁ । କୌଣସି ଗୋଟିଏ କୁଳରେ, ଗୋତ୍ରରେ, ଜାତିରେ ଆମର ଜନ୍ମ ହୋଇଛି । ଆମର ଧର୍ମ ପ୍ରଭୁ ସ୍ଥିର କରିଛନ୍ତି । ଧନ ଅପେକ୍ଷା, ପ୍ରାଣ ଅପେକ୍ଷା, ବି ଧର୍ମ ହେଉଛି ଶ୍ରେଷ୍ଠ । ଆମେ ସ୍ୱଧର୍ମ ପାଳନ କରୁଥିଲେ ଭଗବାନ ଆମକୁ ଭଲ ପାଇବେ । ସେତେବେଳେ ଆମେ ଯେଉଁ ଭକ୍ତି କରିବା ତାହା ଭଗବାନଙ୍କୁ ଭଲ ଲାଗିବ ।

ଆଜିକାଲି ଲୋକମାନେ ଭକ୍ତିର ଅଭିନୟ କରୁଛନ୍ତି, ପୁସ୍ତକ ପଢ଼ି ଜ୍ଞାନ ବିଷୟରେ ବହୁତ କଥା କହୁଛନ୍ତି, ହେଲେ ଧର୍ମ ପାଳନ କରୁ ନାହାନ୍ତି । କେତେକ ମନକୁ ମନ ଭାବୁଛନ୍ତି, ଆମେ ଭକ୍ତି ତ କରୁଛୁ, ତେଣୁ ଭଗବାନ ଆମ ପାପରାଶି ଭସ୍ମ କରିଦେବେ । ଆମେ ଧର୍ମପାଳନ ନ କଲେ, କିଛି ଯାଏ ଆସେ ନାହିଁ । କିନ୍ତୁ ଏପରି ଲୋକମାନେ ଜାଣନ୍ତି ନାହିଁ ଯେ ସ୍ୱଧର୍ମ ତ୍ୟାଗ କରିବା ହେଉଛି ମହାପାପ । ଧର୍ମ ପରିବର୍ତ୍ତନଶୀଳ ନୁହେଁ । ପ୍ରାଣ ଯାଉ, ହେଲେ ଧର୍ମ ଛାଡ଼ିବା ଉଚିତ ନୁହେଁ ।

ଶ୍ରୀରାମ ହେଉଛନ୍ତି ଧର୍ମର ମୂର୍ତ୍ତିମାନ୍ ସ୍ୱରୂପ । ଆମେ ଶ୍ରୀସୀତାରାମଙ୍କ ଭଳି ପବିତ୍ର ଜୀବନ ଅତିବାହିତ କରୁଥିବା ଉଚିତ । ଜଗତରେ ରାମରାଜ୍ୟ କେବେ ହେବ, ଏହା ତ କେବଳ ଶ୍ରୀରାମ ହିଁ ଜାଣିଥିବେ । ଆଉ ଯେ କେବେ ରାମରାଜ୍ୟ ହେବ ସେପରି ସମ୍ଭାବନା ନାହିଁ । କିନ୍ତୁ ଆମେ ଆମ ଘରକୁ ରାମରାଜ୍ୟ ଭଳି କରି ଦେଇ ପାରିବା । ଆମେ ସମସ୍ତେ ପ୍ରଭୁଙ୍କର ଅତି ପ୍ରିୟ । ଶ୍ରୀରାମଙ୍କ ସହିତ ଆମର ସମ୍ବନ୍ଧ ସ୍ଥାପିତ ହୋଇଯାଇଛି । ଶ୍ରୀ ସୀତାରାମଙ୍କୁ ଆମେ ଘରେ ବସାଇବା ଦରକାର । ଶ୍ରୀ ସୀତାରାମଙ୍କୁ ପ୍ରେମରେ ସେବା କରୁଥିବା ଉଚିତ । ଶ୍ରୀରାମଙ୍କ ଠାରେ ସମସ୍ତ ପ୍ରକାର ସଦଗୁଣ ଠୁଳ ହୋଇଥିଲା । ଶ୍ରୀରାମଙ୍କର ଗୋଟିଏ ଗୋଟିଏ ସଦଗୁଣ ଧୀରେ ଧୀରେ ଅଭ୍ୟାସ କରି ଅକ୍ତିଆର କରିଦେବା ଉଚିତ । ଶ୍ରୀରାମଙ୍କର ଏପରି ସେବା କଲେମନ ଶୁଦ୍ଧ ହୁଏ । ଶ୍ରୀରାମଙ୍କର ମର୍ଯ୍ୟାଦା ପାଳନ କଲେ ପାପ ଜଳିଯାଏ ।

ଯେଉଁଘରେ ଶ୍ରୀରାମଙ୍କର ମର୍ଯ୍ୟାଦା ପାଳିତ ହେଉଥାଏ, ସେ ଗୃହକୁ ରାମରାଜ୍ୟ ଆସେ । ଯେଉଁଘରେ ରାମରାଜ୍ୟ ଥାଏ, ସେହି ଗୃହରେ ଶାନ୍ତି ବିରାଜମାନ କରୁଥାଏ । ଯେଉଁଘରେ ରାମରାଜ୍ୟ ଥାଏ ସେହି ଗୃହକୁ କଳିଯୁଗ ପ୍ରବେଶ କରିପାରେ ନାହିଁ । ରାମରାଜ୍ୟ ଅର୍ଥାତ ଧର୍ମର ରାଜ୍ୟ । ଯେଉଁ ଗୃହକୁ ଧର୍ମନୀତିରେ ଧନ ଆସେ, ଯେଉଁ ଗୃହରେ ସମସ୍ତେ ସଂଯମୀ ଆଉ ସଦାଚାର ରଖି ପରମାତ୍ମାଙ୍କର ନାମ ଜପ କରୁଥାଆନ୍ତି ସେହି ଘରକୁ କଳିଯୁଗ ଆସେ ନାହିଁ ।

ଏହି କଳିକାଳରେ ଏପରି ଅନେକ ବୈଷ୍ଣବ ଅଛନ୍ତି ଯାହାଙ୍କ ଘରକୁ କଳିକାଳ ଆସି ନାହିଁ । ଯେଉଁଘରେ ପ୍ରଭୁଙ୍କର ନାମ କୀର୍ତ୍ତନ ହେଉଥାଏ, ଯେଉଁ ଗୃହରେ ଗରିବକୁ ସମ୍ମାନ ଦିଆଯାଏ, ଯେଉଁ ଗୃହରେ ବୃଦ୍ଧଙ୍କୁ ସମ୍ମାନ ଦିଆଯାଏ, ଯେଉଁ ଗୃହରେ ସମସ୍ତେ ମାତା ପିତାଙ୍କର ଆଜ୍ଞାରେ ରୁହନ୍ତି, ସେ ଘରକୁ କୌଣସି ଦିନ କଳିଯୁଗ ପ୍ରବେଶ କରେ ନାହିଁ ।

## ହାର୍ଟ ଆଟାକ ଆଶଙ୍କା କମାଏ ନିରାମିଷ ଖାଦ୍ୟ



ନିରାମିଷ ଖାଦ୍ୟର ଅନେକ ଉପକାରୀ ଗୁଣ ରହିଛି । ଯଦି ଜଣେ ବ୍ୟକ୍ତି ନିୟମିତ ଏହି ଖାଦ୍ୟ ତାଲିକାରେ ସାମିଲ କରନ୍ତି ତେବେ ତାହା ତାଙ୍କ ପାଇଁ ବେଶ୍ ଫଳପ୍ରଦ ସାବ୍ୟସ୍ତ ହୋଇଥାଏ । ସବୁଠାରୁ ବଡ଼ ହେଲା, ନିୟମିତ ନିରାମିଷ ଖାଦ୍ୟ ଖାଇଲେ ଜଣେ ବ୍ୟକ୍ତି ନିଜକୁ ହାର୍ଟ ଆଟାକ୍ ଭଳି ସମସ୍ୟା ଠାରୁ ନିଜକୁ ଦୁରେଇ ରଖିପାରିବ । ଟୋକିଓ ୟୁନିଭର୍ସିଟିର ହୃଦଶଲ୍ୟ ବିଶେଷଜ୍ଞମାନେ ହାର୍ଟ ଆଟାକ ଏବଂ ନିରାମିଷ ଖାଦ୍ୟ ଶୀର୍ଷକ ବିଷୟକୁ ନେଇ ଏକ ସର୍ଭେ କରିଥିଲେ । ଏହି ସମୟରେ ଗବେଷଣା ପରିସରଭୁକ୍ତ ଅଧିକାଂଶ ବ୍ୟକ୍ତିମାନଙ୍କ ଠାରେ ଯେଉଁମାନେ ନିୟମିତ ନିରାମିଷ ଖାଦ୍ୟ ଖାଉଥିଲେ ହାର୍ଟ ଆଟାକ ଲକ୍ଷଣ ପ୍ରାୟ କମ୍ ଦେଖିବାକୁ ମିଳିଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

## ସ୍ୱର୍ବେଦ

**ଦ୍ରୋଣାଚଳ କେ ଚଢତ ମେଁ, ଥକତ୍**
**ଶ୍ୱାଁସ ଭର ଆୟ ।**
**କଠିନ ପରିଶ୍ରମ ଚଢ଼ ଗୟା, ତ୍ୟୋଁ**
**ସାଧକ ଚଢ଼ ପାୟ । (୪୮)**

ଭାଷ୍ୟ: ଦ୍ରୋଣଗିରି, ପର୍ବତକୁ ଚଢ଼ିଲେ ଥକି ଯିବା କାରଣରୁ ଶ୍ୱାସ ଭର୍ତ୍ତି ହୋଇ ଆସୁଥିଲା । କାହିଁକି କ୍ଳାନ୍ତ ହୋଇ ଚାଲିଲେ ଶ୍ୱାସର ବେଗ ବଢ଼ିଯାଏ । ପରନ୍ତୁ ମୁଁ କଠିନ ପରିଶ୍ରମ କରି ଦ୍ରୋଣଗିରିକୁ ଚଢ଼ିଗଲି । ଏ ପ୍ରକାର କଠିନ ପରିଶ୍ରମ କରି ମନ ଓ ପବନ ଗତିରେ ଦୃଢ଼ ସ୍ଥିର ହୋଇ ପୁରୁଷାର୍ଥ ସାଧକ ନିଜ ଲକ୍ଷ୍ୟ ପ୍ରାପ୍ତି କରି ଚଢ଼ିଯାଆନ୍ତି । ଗ୍ରନ୍ଥକାର ସଦ୍‌ଗୁରୁ ସଦାଫଳଦେବ ଜୀ ମହାରାଜ ପ୍ରୟାଗରୁ ହିମାଳୟ ଯାତ୍ରାରେ ଯିବାବେଳେ ଦ୍ରୋଣଗିରି ପର୍ବତକୁ ଯାଇଥିଲେ । ଯାହା କି ସେ ଏହି ଦୋହାରେ ଚର୍ଚ୍ଚା କରିଛନ୍ତି ।

**ନହିଁ ହମ ହୈ ନ ହମାର ହୈ, ମିଟ**
**ଦୁଖମୟ ସଂସାର ।**
**ଦୋଷ ଶୋକ ସେ ରହିତ ହୈ,**
**ଭକ୍ତି ଅମଳ ତତ୍ତ୍ୱସାର । (୪୯) ।**

ଭାଷ୍ୟ: ଯେବେ ଆତ୍ମାରେ ପ୍ରକୃତି




ଓ ଦେହ ସଂଘାତର ସମସ୍ତ କର୍ମ ବାସନାର ସମ୍ବନ୍ଧ ଛାଡିଯାଏ ତେବେ ସମସ୍ତ ଦୋଷ ଦୁର୍ଗୁଣର ଅଭାବ ହୋଇ ଯିବାରୁ ମୋହ, ଶୋକ, ବିପଦ ଏବଂ ଦୁଃଖମୟ ସଂସାର ଛାଡିଯାଏ ଓ ସମସ୍ତ ଦୋଷ ରହିତ ଶୁଦ୍ଧ ଭକ୍ତି, ଚେତନ ପ୍ରକାଶର ପ୍ରାଦୁର୍ଭାବ ହୁଏ ।

**ପୂର୍ଣ୍ଣଜ୍ଞାନ ବୈରାଗ ହୈ, ପ୍ରେମ**
**ଛକାରସ ଘୋଟ ।**
**ନହିଁ ରାତ ନହିଁ ଦିବସ ହୈ, ପରିତୁ**
**ବ୍ୟାପ୍ତ ନହିଁ ଓଟ । (୫୦)**

ଭାଷ୍ୟ: ଅଧ୍ୟାତ୍ମ ପଥିକ ଅନୁରାଗୀକୁ ପୂର୍ଣ୍ଣଜ୍ଞାନ ଓ ପୂର୍ଣ୍ଣ ବୈରାଗ୍ୟ ହେବାରୁ ହିଁ ଭକ୍ତିର ପରମସୁଖ ପ୍ରାପ୍ତି ହୋଇଥା, । ପ୍ରକୃତିର ଆଚରଣ ଟଳିଯିବାରୁ ତାହା ସର୍ବତ୍ର ଏକ ରସ ପରିପୂର୍ଣ୍ଣ ବ୍ରହ୍ମାନନ୍ଦର ଆସ୍ୱାଦନ କରେ । ଚେତନ ପ୍ରକାଶ ଉଦୟ ହୋଇଯିବାରୁ ଜଡ଼ ସଂସାରର ଦିନ ରାତ୍ରି ରହେ ନାହିଁ । ଅଛତ ଚେତନ ଅନୁଭବ ପ୍ରକାଶ ଆହର୍ନିଶ ଚିଦାକାଶରେ ଉଦୟ ହୋଇ ରହିଥାଏ ।

**ସ୍ଥିର ବାଜ ଆକାଶ ମେଁ,**
**ଅପନେ ସାବଜ ଖୋଜ ।**
**ମର୍ମୀ ସ୍ଥିର ଧାମ ମେଁ, ସାର ଶବ୍ଦ**
**ତତ୍ତ୍ୱ ଖୋଜ । (୫୧)**

ଭାଷ୍ୟ: ଯେପରି ଆକାଶରେ ବାଜ ପକ୍ଷୀ ସ୍ଥିର ହୋଇ ନିଜର ଶିକାର ପକ୍ଷୀକୁ ଖୋଜିଥାଏ ସେହିପରି ଭେଦିକ ସନ୍ଥ ସଦଗୁରୁ ଲକ୍ଷ୍ୟ ସ୍ଥିର ଆମ, ଚିଦାକାଶରେ ପରମ ତତ୍ତ୍ୱ ସାରକୁ ଖୋଜିଥାଏ ।

**ମନନ ଶୀଳ ବିତରାଗ ହୈ,**
**ସନ୍ତ ହିମାଳୟ ବାସ ।**
**ଝରନା ଶୀତଳ ବାୟୁ ଜଳ, ବଳ**
**ସମୃଦ୍ଧି ତତ୍ତ୍ୱ ଭାସ । (୫୨)**

ଭାଷ୍ୟ: ମନଶୀଳ ଅର୍ଥାତ୍ ମନର ଗତିକୁ ରୋକିବା ବାଲା ଅନ୍ତର୍ମୁଖି ଗତିରେ ବିଲୀନ କରିବା ବାଲା, ବିଷୟରୁ ରହିତ ସନ୍ଥ ହିମାଳୟରେ ବାସ କରନ୍ତି । ଯୋଗୀମାନଙ୍କ ପାଇଁ ହିମାଳୟ ବାସରେ ପ୍ରାକୃତିକ ସମସ୍ତ ତତ୍ତ୍ୱ ଶୁଦ୍ଧ ରୂପରେ ପ୍ରାପ୍ତ ହୁଅନ୍ତି ଏବଂ ଏକାନ୍ତ ନିର୍ବିଘ୍ନ ସ୍ଥାନ ହୋଇଥିବାରୁ ସରଳତାରେ ଯୋଗାଭ୍ୟାସରେ ପବିତ୍ର ଆନନ୍ଦ ପ୍ରାପ୍ତି ହୋଇଥାଏ । ଝରଣାର ଶୀତଳ ଜଳ ଓ ହିମାଳୟର ଶୁଦ୍ଧ ବାୟୁରେ ପ୍ରକୃତିର ତତ୍ତ୍ୱମାନଙ୍କର ପୂର୍ଣ୍ଣ ବିକାଶ ହୋଇଥାଏ ଏବଂ ଦେହ ପ୍ରାଣ ଏବଂ ଶରୀରର ଅବୟବରେ ଶକ୍ତି ପ୍ରାପ୍ତି ହୁଏ । ସ୍ୱାସ୍ଥ୍ୟ, ଦୀର୍ଘଜୀବନ ଏବଂ ବୁଦ୍ଧି ବିକାଶ ତଥା ଯୋଗାଭ୍ୟାସ ପାଇଁ ହିମାଳୟର ଜଳବାୟୁ ସାଧନା ପାଇଁ ସର୍ବୋତ୍ତମ ଅଟେ । ଯୋଗୀ ଏକାକୀ ଏକାନ୍ତରେ ରହି ସୂକ୍ଷ୍ମ ବ୍ରହ୍ମ ତତ୍ତ୍ୱର ଅନ୍ୱେଷଣ କରି ଆତ୍ମ ଜୀବନକୁ ଧାରଣ କରି ପରମାନନ୍ଦଙ୍କୁ ପ୍ରାପ୍ତ କରେ ।

## ତରଭୁଜର ଉପକାରିତା

ଗ୍ରୀଷ୍ମଋତୁର ସବୁଠୁ ଲୋକପ୍ରିୟ ଫଳ ତରଭୁଜ । ଏ ଋତୁରେ ଲୋକେ ଏହାକୁ ପସନ୍ଦ କରିବାର ମୁଖ୍ୟ କାରଣ ହେଉଛି ଏହା ଶରୀରରେ ଥିବା ଜଳର ଅଭାବକୁ ପୂରଣ କରେ । ଦାମ୍ ଦୃଷ୍ଟିରୁ ମଧ ତରଭୁଜ ସମସ୍ତଙ୍କୁ ସୁହାଏ । ତରଭୁଜରେ ଆଣ୍ଟିଅକ୍ସିଡେଣ୍ଟ ମଧ ଥାଏ । ଗବେଷଣାରୁ ଜଣା ପଡିଛି ଯେ ତରଭୁଜ ଖାଇବା ଦ୍ୱାରା କର୍କଟ ରୋଗ, ହୃଦରୋଗ ଓ ମଧୁମେହ ହେବାର ଆଶଙ୍କାକୁ ଅନେକ ପରିମାଣରେ ଦୂରେଇ ଦେଇହୁଏ । ତରଭୁଜରେ ଶତକଡ଼ା ୯୨ ଜଳ ଏବଂ ଶତକଡ଼ା ୬ ଶର୍କରା ରହିବା ସହ ଭିଟାମିନ୍ ଏ, ସି ଓ ବି ୬ ଥାଏ ।



ତରଭୁଜରେ ଭିଟାମିନ୍ ସି ଏବଂ ଭିଟାମିନ୍ ଏ ବହୁ ମାତ୍ରାରେ ଥାଏ । ଭିଟାମିନ୍ ସି ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଏ । ଭିଟାମିନ୍ ଏ ଆଖିର ସ୍ୱଚ୍ଛତା ପାଇଁ ଜରୁରୀ ଅଟେ ।

ତରଭୁଜ ଓ ତା' ଭିତରେ ଥିବା ମଞ୍ଜିଗୁଡିକ ଦୁର୍ବଳ ଶରୀରକୁ ସତେଜ ରଖିଥାଏ । ତରଭୁଜ ଖାଇବା ପରେ ସେଥିରୁ ଯେଉଁ ମଞ୍ଜି ବାହାରେ ତାକୁ ଧୋଇ ଶୁଖେଇବା ପରେ ସେହି ମଞ୍ଜିକୁ ଆପଣ ଖାଇ ପାରିବେ ।

ଖାଦ୍ୟ ହଜମ ହେବା ଓ ଭୋକ ଲାଗିବାରେ ସମସ୍ୟା ଥିଲେ ତଥା ରକ୍ତର ମାତ୍ରା କମ୍ ଥିଲେ ସେଥିପାଇଁ ତରଭୁଜର ଆବଶ୍ୟକତା ରହିଛି । ବଡ଼ ତରଭୁଜରେ ଗୋଟିଏ ଛୋଟ ଛିଦ୍ର କରି ଏକ ଗ୍ରାମ୍ ଚିନି ଭରି ଦିଅନ୍ତୁ । ପାଣି ସେହି ତରଭୁଜକୁ ଖରାରେ ଅଥବା ରାତିରେ ଚନ୍ଦ୍ର କିରଣରେ ରଖନ୍ତୁ । ଏହାପରେ ଭିତରେ ଥିବା ପାଣିକୁ କାଢ଼ି ଛାଣି ଦିଅନ୍ତୁ । ଛଣା ହୋଇଥିବା ପାଣିକୁ ସଫା କାଚ ବୋତଲରେ ଭରି ଦିଅନ୍ତୁ । ସେହି ପାଣିକୁ ଦିନକୁ ଚାରିକପ୍ କରି ଦୁଇ ବା ତିନି ଥର ପିଇଲେ ଉପରୋକ୍ତ ଅସୁବିଧାରୁ ମୁକ୍ତି ମିଳିପାରେ ।

ତରଭୁଜ ଖାଇବା ଦ୍ୱାରା ଯଦି ଖଟା ହାକୁଟି ହେଉଛି, ତା'ହେଲେ ସେଥିରେ ସାଦା ଲୁଣ ବା କଳା ଲୁଣ ପକେଇ ଖାଇବା ଉଚିତ । ଏମିତି ଖାଇଲେ ହାକୁଟି ହେବନାହିଁ ।

ମୁହଁରେ ବ୍ରଣ କିମ୍ବା କଳା ଦାଗ ହୋଇଥିଲେ ସେଥିରେ ତରଭୁଜକୁ କାଟି କିଛି ସମୟ ଘଷନ୍ତୁ । ଏକ ମିନିଟ୍ ସମୟ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ଲାଭ ମିଳିବ ନିଶ୍ଚୟ ।

ତରଭୁଜ ଖାଇବା ସମୟରେ ଗୋଟିଏ କଥାପ୍ରତି ଧ୍ୟାନ ଦିଅନ୍ତୁ, ଏହାକୁ ଖାଇବାର ଏକ ଘଣ୍ଟା ପର୍ଯ୍ୟନ୍ତ ପାଣି ପିଇବେ ନାହିଁ । ନଚେତ୍ ଲାଭ ବଦଳରେ କ୍ଷତି ହେବ । ଯେତେ ସମ୍ଭବ ତରଭୁଜକୁ ତାଜା ଥିବା ସମୟରେ ଖାଆନ୍ତୁ । କଟା ତରଭୁଜକୁ ବେଶି ସମୟ ରଖି ଖାଇଲେ ଏହା ଶରୀର ପକ୍ଷେ କ୍ଷତିକାରକ ହୋଇପାରେ ।

## ସୁସ୍ୱାସ୍ଥ୍ୟ ପାଇଁ ଖାଆନ୍ତୁ ଫଳ

ନିୟମିତ ଫଳ ଖାଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ । ପିଲାଠାରୁ ବୟସ୍କ ସମସ୍ତଙ୍କ ପାଇଁ ଉତ୍ତମ ବିଭିନ୍ନ ରକମର ଫଳ ଶରୀରର ଭୋଗ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଦୀର୍ଘାୟୁ କରିଥାଏ । ଦିଲ୍ଲୀର ନାମକରା ଖାଦ୍ୟ ବିଶେଷଜ୍ଞ ଡାକ୍ତର ଅମିତା ସିଂହବତା ଏ ସଂକ୍ରାନ୍ତରେ ଆବଶ୍ୟକ ତଥ୍ୟ ଉପସ୍ଥାପନା କରିଛନ୍ତି ।



ନିୟମିତ ଭାବେ ପାଚିଲା ଅମୃତଭଣ୍ଡା ଖାଇବା ଦ୍ୱାରା ଅର୍ଶ ରୋଗ ଦୂର ହୋଇଥାଏ । ତରକାରିରେ ଅମୃତଭଣ୍ଡା ପ୍ରୟୋଗ କରିବା ଶରୀର ପାଇଁ ଖୁବ୍ ଭଲ ।

ହୃଦରୋଗ ଓ ତ୍ୱଚା ନିମନ୍ତେ ତରଭୁଜ ଖୁବ୍ ଉପକାରୀ । ଦୈନିକ ଏହାକୁ ଖାଇଲେ କେଶର ଘନତ୍ୱ ମଧ ବଢ଼େ ।

ଶରୀରରେ ହରମୋନ୍ ଅସନ୍ତୁଳନ ହେଉଥିଲେ ପ୍ରତ୍ୟହ ପିଜୁଳି ଖାଇଲେ ସେ ସମସ୍ୟା ଯଥା ଶୀଘ୍ର ଦୂର ହୁଏ ବୋଲି ବିଶେଷଜ୍ଞଙ୍କ ମତ ।

ମାସକୁ ଥରେ କିମ୍ବା ୨ ଥର ଅନ୍ତତଃ ଜାମୁକୋଳି ଖାଇବା ଉଚିତ । ଏହା ଦ୍ୱାରା ପେଟର ଜୀବାଣୁ ନଷ୍ଟ ହୋଇଥାଏ ।

ଖରାଦିନିଆ ଫଳ ଆମ୍ବ ସୁଆଦିଆ ହେବା ସହ ଏହାକୁ ଖାଇଲେ ବୃକକ୍ ରୋଗ ହୋଇ ନ ଥାଏ ।

## ଶୋଇବାରେ ଅନିୟମିତତା ବଢ଼ାଏ ଓଜନ

ଜଣେ ବ୍ୟକ୍ତି ପ୍ରତିଦିନ ଅତିକମରେ ୭-୮ ଘଣ୍ଟା ଶୋଇବା ଦରକାର । କାରଣ ପରିଶ୍ରମ ଅନୁସାରେ ଶରୀରକୁ ବିଶ୍ରାମର ଆବଶ୍ୟକତା ରହିଛି । ଯଦି ଏଥିରେ ଅନିୟମିତତା ହେଲା ତେବେ ତାହା କେତେକ ରୋଗ ସୃଷ୍ଟି କରିଥାଏ ।



ଏହି ତାଲିକାରେ ଆଉ ଏକ ସ୍ୱାସ୍ଥ୍ୟ ସମସ୍ୟାକୁ ସାମିଲ କରାଯାଇଛି । ତାହା ହେଲା ମେଦବହୁଳତା । ଅର୍ଥାତ୍ ଯଦି ଜଣେ ବ୍ୟକ୍ତିଙ୍କର ଶୋଇବାରେ ଅନିୟମିତତା ଏକ ଅଭ୍ୟାସରେ ପରିଣତ ହୋଇଯାଏ ତେବେ ତାହା ଓଜନ ବଢ଼ାଇବାରେ ସହାୟକ ହୋଇଥାଏ ବୋଲି ମତ ଦେଇଛନ୍ତି ୟୁନିଭର୍ସିଟି ଅଫ୍ ୱାଶିଂଟନର ବିଶେଷଜ୍ଞମାନେ । ଏଭଳି ସମସ୍ୟା ଠାରୁ ନିଜକୁ ଦୂରେଇ ରଖିବା ପାଇଁ ଜଣେ ନିଜର ଶୋଇବା ସମୟ ବିଷୟରେ ଅବଗତ ହେବା ଦରକାର ଏବଂ ପ୍ରତିଦିନ ଅତିକମରେ ୬-୭ ଘଣ୍ଟା ଶୋଇଲେ ଓଜନ ସନ୍ତୁଳିତ ରହିଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

## ଆପଣ ଜାଣନ୍ତି କି ?

- ବିଶ୍ୱାସ କରାଯାଏ ୬ ରୁ ୧୦ ମିଲିଅନ୍ ପ୍ରଜାତିର କୀଟପତଙ୍ଗ ରହିଛନ୍ତି ।
- ପ୍ରତ୍ୟେକ କୀଟର ଶରୀର ତିନି ଭାଗରେ ବିଭକ୍ତ । ବକ୍ଷ, ଉଦର ଓ ମୁଣ୍ଡ ।
- ମହୁମାଛି, ଉଈ ଓ ପିମ୍ପୁଡି ବେଶ୍ ସଂଗଠିତ ଭାବେ ସାମାଜିକ କଲୋନୀ କରି ରହନ୍ତି ।
- କେବଳ ପୁରୁଷ ଝିଣ୍ଟିକା କାନ ଫୁସାଫୁସି କରନ୍ତି ।
- କୀଟମାନେ ସାଧାରଣତଃ ଶାନ୍ତ ଚିତ୍ତର ଜୀବ ।
- ଅଧିକାଂଶ କୀଟ ଅଣ୍ଡାରୁ ସୃଷ୍ଟି ହୁଅନ୍ତି ।
- ମାଈ ମଶା ଅଣ୍ଡା ଦେବାବେଳେ ଆବଶ୍ୟକ ପୋଷକତତ୍ତ୍ୱ ପାଇବା ପାଇଁ ମନୁଷ୍ୟଙ୍କ ରକ୍ତ ଶୋଷିଥାନ୍ତି ।
- ବୁଢ଼ିଆଣୀ କୀଟପତଙ୍ଗ ପ୍ରଜାତିର ନୁହେଁ ।
- ମହୁମାଛି ଆଣ୍ଟାର୍କଟିକାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ମହାଦେଶରେ ଦେଖିବାକୁ ମିଳିଥାନ୍ତି ।
- ୧୯୩୫ ଏପ୍ରିଲ ପହିଲାରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପ୍ରତିଷ୍ଠିତ ହୋଇଥିଲା ।
- ଚଳଚ୍ଚିତ୍ର ଶିଳ୍ପରେ କମ୍ପ୍ୟୁଟର ଆନିମେସନ ୧୯୭୩ ରେ ପ୍ରଥମେ ପ୍ରବର୍ତ୍ତିତ ହୋଇଥିଲା । ରୋବଟ ଉପରେ ଚଳଚ୍ଚିତ୍ର 'ୱେଷ୍ଟୱାର୍ଲଡ' ନିର୍ମିତ ହେବା ବେଳେ ଏହା କରାଯାଇଥିଲା ।
- ୧୯୨୩ ରେ ଶକ୍ତିଚାଳିତ ୱାଇପର କାର୍‌ରେ ସାଧାରଣ ଭାବେ ବ୍ୟବହୃତ ହେଲା ।
- ୧୦ ମିନିଟରେ ଏକ ହରିକେନ ଝଡ଼ ଯେତିକି ଶକ୍ତି ଛାଡିବ ତାହା ପୃଥିବୀର ସବୁ ଅଣୁ ଅସ୍ତ୍ରର ମିଳିତ ଶକ୍ତିଠାରୁ ଅଧିକ ।

## କହିପାରିବେ କି ?

(୧) ଗାଈର କେତୋଟି ଦାନ୍ତ ଥାଏ ?
(୨) ଆମ୍ବ ଗଛକୁ ଜାତୀୟ ଗଛ ଭାବେ ବାଙ୍ଗଲାଦେଶ କେବେ ଘୋଷଣା କରିଥିଲା ?
(୩) ବ୍ରୋକୋଲି ପ୍ରକୃତରେ କ'ଣ ?
(୪) ବହୁ ଦଶନ୍ଧି ପୂର୍ବେ ହଲାଣ୍ଡରେ ସୁନାଠାରୁ ଅଧିକ ମୂଲ୍ୟବାନ କ'ଣ ଥିଲା ?
(୫) ବିଶ୍ୱର ସବୁଠାରୁ ଅଧିକ କିଣାଯାଉଥିବା ଓ ବିକ୍ରୀ ହେଉଥିବା ଜିନିଷ କ'ଣ ?
(୬) ଓଟ କେତେ ଦିନ ବିନା ପାଣିରେ ଜୀବିତ ରହିପାରେ ?
(୭) ପ୍ରତ୍ୟେକ ବର୍ଷ ଭାରତରେ ଆମେରିକା ଠାରୁ କେତେ ଗୁଣ ଅଧିକ ଇଞ୍ଜିନିୟର ସୃଷ୍ଟି ହୁଅନ୍ତି ?
(୮) ଟାଇଟାନିକ ଜାହାଜ ତିଆରି ପାଇଁ କେତେ ସମୟ ଲାଗିଥିଲା ?
(୯) ବରଫାବୃତ ଆର୍ଣ୍ଣାଟିକା ଠାରେ କେତେ ତାପମାତ୍ରା ଥାଏ ?
(୧୦) ଗୁଗୁଲ ତା'ର ଇ-ମେଲ ସାର୍ଭିସ ଜିମେଲ୍ କେଉଁ ସ୍ମରଣୀୟ ଦିବସରେ ଆରମ୍ଭ କରିଥିଲା ?

### JUMBLE WORDS

| | | | |
|---|---|---|---|
| 1) GYRBU | = | 6) NRWDA | = |
| 2) PTNUI | = | 7) NOGUTE | = |
| 3) CAATUL | = | 8) MBOCEE | = |
| 4) SRTOYP | = | 9) TAAEB | = |
| 5) EHLOL | = | 10) KONTE | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ସୂର୍ଯ୍ୟ, ୨. ମନ୍ଦୋଦରୀ, ୩. ଚବିଶ ହଜାର, ୪.ରେଣୁକା, ୫. ହନୁମାନ, ୬.୧୯୩୮, ୭. ସ୍ୱିଡେନ, ୮. ୩ଟି, ୯. ଅସରପା, ୧୦. ପାର୍ଲେଜି ।

***Jumble Words*** ର ଉତ୍ତର :-

(1) HUMID (2) PICKY (3) CAUGHT (4) RELENT (5) PILOT
(6) POKER (7) MAGNET (8) FONDUE(9) DIRTY (10) MOTTO

# ନବଧା ଭକ୍ତିରେ...

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ମହାପୁରୁଷଙ୍କ ସତ୍ ସଙ୍ଗ ବିଚାର ଦ୍ୱାରା ହିଁ ହୋଇଥାଏ । ଶରୀରରେ ଯଦିଓ ସେମାନେ ମିଳି ପାରିବେ ନାହିଁ, ତେବେ ବି ତାଙ୍କର ପ୍ରେରଣା ପୁସ୍ତକ ଦ୍ୱାରା ପ୍ରାପ୍ତ ହେବ । ଆଉ ବିଚାର ବିମର୍ଶ ମଧ କରିହେବ । ବିଚାରର ମାଧମରେ ସହସ୍ର ବର୍ଷ ପୂର୍ବର ମହାପୁରୁଷଙ୍କର ମଧ ସାନିଧ ପ୍ରାପ୍ତ କରାଯାଇ ପାରିବ । ପ୍ରସିଦ୍ଧ ବିଦ୍ୱାନ ସିସ୍ ରାଙ୍କ କଥା ସର୍ବଦା ଉପଯୁକ୍ତ ଅଟେ । 'ଗ୍ରନ୍ଥ ସହିତ ଘର ଆତ୍ମା ସହିତ ଦେହ ସମାନ' । ତେଣୁ ମହାପୁରୁଷମାନଙ୍କ ଦ୍ୱାରା ଲିଖିତ ଅମୃତ ରସର ସ୍ୱାଧାୟ କରିବା, ସେମାନଙ୍କ ବିଚାରର ସାନିଧ ଲାଭ କରିବା ଦ୍ୱାରା ତୃତୀୟ ଶ୍ରେଣୀର ସତ୍ ସଙ୍ଗପୂର୍ଣ୍ଣ ହୋଇଥାଏ ।

ଶ୍ରୀରାମକୃଷ୍ଣ ପରମହଂସ କହୁଥିଲେ, ଗଙ୍ଗାନଦୀ ଦିଗକୁ ଆଗେଇବା ମାତ୍ରେ ହିଁ ଶୀତଳତା ଅନୁଭବ ହେବାକୁ ଲାଗେ । ମହାପୁରୁଷମାନଙ୍କୁ ଚିନ୍ତନ କରିବା ମାତ୍ରେ ଅଶାନ୍ତ ମନକୁ ଶାନ୍ତି ମିଳିଥାଏ । ଯେତେବେଳେ ସନ୍ଥଜନଙ୍କର ସତ୍ ସଙ୍ଗ କଥା ପଡେ ଏବଂ ପ୍ରଥମ ଭକ୍ତି ସଂତନ କର ସଙ୍ଗା ର ବ୍ୟାଖ୍ୟା କରାଯାଏ, ସେତେ ବେଳେ ଅନୁଭବ ହୋଇଥାଏ । ସନ୍ଥଜନଙ୍କର ମଧ ପରିଭାଷା ହେବା ଉଚିତ ।

ଗୋସ୍ୱାମୀଙ୍କ ଭାଷାରେ - ସଠ ସୁଧରହିଁ ସତ୍ ସଙ୍ଗତି ପାୟୀ । ପାରସ୍ ପରସି କୁ ଧାତୁ ସୁହାଇ ।

ଅର୍ଥାତ - ସନ୍ଥଜନଙ୍କ ସଙ୍ଗ ଲାଭକରି ନିପଟ ମୂର୍ଖ ଓ ଦୁଷ୍ଟ ବ୍ୟକ୍ତି ମଧ ସୁଧୁରି ଯାଆନ୍ତି, ଯେପରି ପରଶମଣିର ସ୍ପର୍ଶରେ ଲୌହ ସ୍ୱର୍ଣ୍ଣରେ ପରିଣତ ହୋଇଯାଏ । ଦେବର୍ଷି ନାରଦଙ୍କ ସଂଗ ଲାଭ କରି ଭକ୍ତ ପ୍ରହ୍ଲାଦ, ଦସ୍ୟୁ ରତ୍ନାକର ବାଲ୍ମିକି ଋଷି ଏବଂ ବୁଦ୍ଧଙ୍କ ସଂସ୍ପର୍ଶରେ ଅଙ୍ଗୁଲିମାଳ ବୌଦ୍ଧ ଭିକ୍ଷୁ ଏମିତି ଅନେକଙ୍କୁ ଭଗବତ୍ କୃପା ପ୍ରାପ୍ତ ହେଲା । ସନ୍ଥ ତାଙ୍କୁ କୁହାଯାଏ, ଯେଉଁ ବ୍ୟକ୍ତି ପରମାତ୍ମାଙ୍କ ଜ୍ୟୋତି ଦେଖିପାରେ । ସର୍ବଦା ଆତ୍ମ ଚିନ୍ତନରେ ନିମଗ୍ନ ଥାଏ, ସଦ୍ ଗୁରୁଙ୍କ ସହିତ ପରିଚୟ କରାଇପାରେ । ସନ୍ଥଙ୍କର ହୃଦୟ ନବନୀତ ତୁଲ୍ୟ ହୋଇଥାଏ । ପ୍ରତ୍ୟେକ ଜୀବ ପ୍ରତି ତାଙ୍କ ମନରେ ଦୟାଭାବ ଥାଏ । ଅପାର ପ୍ରେମ ଥାଏ । ଏହିପରି ସନ୍ଥ ରୂପରେ ଆମେ ପରମପୂଜ୍ୟ ଗୁରୁଦେବଙ୍କୁ ସ୍ମରଣ କରୁ, ଯାହାଙ୍କର ସାନିଧ ଲାଭ କରି ଅନେକ ଲୋକଙ୍କର ପରିବର୍ତ୍ତନ ହୋଇ ପାରିଛି । ଅନେକ ପ୍ରକାର ଦୁଃଖ ଦୂର ହୋଇ ପାରିଛି । ସତ୍ ସଙ୍ଗର ମହିମା ଅପାର ଏବଂ ଏହା ଯାହାକୁ ପ୍ରାପ୍ତ ହୋଇଗଲା, ସେ ନବଧାଭକ୍ତିର ପ୍ରଥମ ପ୍ରସଙ୍ଗ ମାଧମରେ ଭଗବତ୍ କୃପାପାତ୍ର ହୋଇଗଲା ।



ଭଗବାନ ଶ୍ରୀରାମଚନ୍ଦ୍ର ଏହି ପ୍ରସଙ୍ଗରେ ଦ୍ୱିତୀୟ ପ୍ରକାର ଭକ୍ତି ବିଷୟରେ କହିଛନ୍ତି - ଦୂସରି ରତି ମମ କଥା ପ୍ରସଙ୍ଗା । ଅର୍ଥାତ୍ - ମୋର (ଭଗବାନଙ୍କର) କଥା ମୋର ପ୍ରସଙ୍ଗ ପ୍ରତି ଶ୍ରଦ୍ଧା, ଅଭିରୁଚି । ଶ୍ରୀମଦ୍ ଭଗବତରେ ଭଗବାନ୍ କହିଛନ୍ତ - ଯେଉଁଠାରେ ମୋର ଭକ୍ତଗଣ ମୋର ଚର୍ଚ୍ଚା କରନ୍ତି, ମୁଁ ସେହିଠାରେ ନିବାସ କରେ । ଭକ୍ତି ସାଧନାରେ ସବୁଠାରୁ ସୁଲଭ ମାର୍ଗ ହେଉଛି, ଭଗବାନଙ୍କର ଲୀଳାକୁ ଚିନ୍ତନ କରି, ତାଙ୍କର ଗୁଣ ଗାନ କରି, ତାଙ୍କ ପାଖରେ ମନକୁ ଏକାଗ୍ର କରିବା । ପ୍ରାଚୀନ ବୈଦିକ ସାହିତ୍ୟ ଲୋକମାନସକୁ ସବୁଠାରୁ ଅଧିକ ପ୍ରଭାବିତ କରିପାରିଥିବା ଦେଖାଯାଏ । ପୁରାଣର କଥା ପ୍ରସଙ୍ଗରେ, ଯେଉଁଥିରେ ଭକ୍ତର କିମ୍ବା ଭଗବାନଙ୍କର କଥା ପୂରି ରହିଛି, ତହିଁରେ ମନୁଷ୍ୟର ମନକୁ ଭଗବାନଙ୍କ ସ୍ୱରୂପ ଭିତରେ ମଜ୍ଜାଇ ନେବା ନିମନ୍ତେ ପ୍ରବଳ ଶକ୍ତି ରହିଛି । ଶ୍ରୀମଦ୍ ଭାଗବତ ସର୍ବାଧିକ ଲୋକପ୍ରିୟ ଗ୍ରନ୍ଥ । ଦେବୀ ଭାଗବତ୍, ରାମଚରିତ ମାନସର ମଧ ପ୍ରାୟ ଏହାର ସମକକ୍ଷ ସ୍ଥାନ ରହିଛି । ଈଶ୍ୱରାନ୍‌ଶୁଖୀ କରାଉଥିବା କଥା ପ୍ରସଙ୍ଗ ଲୋକମାନସକୁ ସ୍ପର୍ଶ କରିଥାଏ ଏବଂ କଲ୍ୟାଣକାରୀ ପଥ ପ୍ରଶସ୍ତ କରିଥାଏ । ଏହି ଭକ୍ତିଭାବର ଗୋଟିଏ ଶ୍ରେଷ୍ଠ ଉଦାହରଣ ହେଉଛି, ଅଭିମନ୍ୟୁଙ୍କ ପୁତ୍ର ରାଜା ପରୀକ୍ଷିତ ନିଜ ଜୀବନର ଅନ୍ତିମ ମୁହୂର୍ତ୍ତରେ ଶ୍ରୀମଦ୍ ଭାଗବତ ପୁରାଣ ଶୁଣି ମୋକ୍ଷ ଲାଭ କରିଥିବା କୁହାଯାଏ । ତାଙ୍କ ସମୟରେ କଳିଯୁଗ ଆସିଲା ଏବଂ ସେ କହିବା ଅନୁସାରେ ଚୋରିଗୋଟି ସ୍ଥାନରୁ (ଦ୍ୟୁତକ୍ରୀଡା, ବ୍ୟଭିଚାର, ଚୋରୀ, ସ୍ୱର୍ଣ୍ଣ) ଆସି ତାଙ୍କ ସ୍ୱର୍ଣ୍ଣ ମୁକୁଟରେ ବିରାଜମାନ କଲା । କଳିଯୁଗ ଅଧିଷ୍ଠିତ ହେବା ଅର୍ଥ ବୁଦ୍ଧି ଭ୍ରଷ୍ଟ ହୋଇଯିବା । ଜଣେ ଧାନମଗ୍ନ ସନ୍ୟାସୀ (ଲୋମଷ ଋଷି) ଙ୍କୁ ଜଳମାଗି ଏବଂ ତାଙ୍କର ସମାଧିସ୍ଥ ଅବସ୍ଥାକୁ ଉପେକ୍ଷା କରି ରାଜା ପରୀକ୍ଷିତ ତାଙ୍କ ଗଳାରେ ମୃତସର୍ପ ଲମ୍ବାଇଦେଇ ଋଷିପୁତ୍ର (ଶୃଙ୍ଗୀଋଷି )ଙ୍କ ଠାରୁ ଅଭିଶାପ ପାଇଥିଲେ ଯେ, ଗୋଟିଏ ସପ୍ତାହ ଭିତରେ ତାଙ୍କର ମୃତ୍ୟୁ ହେବ । ଏହା ଥିଲା ଅଟଳ ଅଭିଶାପ । ବର୍ତ୍ତମାନ ପ୍ରଶ୍ନ ଥିଲା, ଏହି ମୃତ୍ୟୁକୁ କିପରି ଉତ୍ତମ ରୂପ ଦିଆଯାଇ ପାରିବ ? ପରୀକ୍ଷିତ ଚିନ୍ତାକଲେ କିପରି ମୃତ୍ୟୁ ଲଭିଲେ ଈଶ୍ୱରଙ୍କ ଭିତରେ ଲୀନ ହୋଇଯିବେ । ଗୀତାରେ ଅଛି- ଯେଉଁ ଭାବକୁ ସ୍ମରଣ କରୁ କରୁ ପ୍ରାଣୀ ଶରୀର ତ୍ୟାଗ କରେ, ସେ ସେହି ଭାବ ପ୍ରାପ୍ତ ହୁଏ । ଏକଥା ବିଚାର କରି ଋଷିମାନଙ୍କ ସହିତ ପରାମର୍ଶ କରି ସେ ବୀତରାଗ ଶୁକଦେବଙ୍କ ଭାଗବତ କଥା ଶୁଣିବାକୁ ନିଶ୍ଚୟ କଲେ । ଶୁକଦେବ ଭକ୍ତି ବିଭୋର କଥା ଶୁଣାଇଲେ । ପରୀକ୍ଷିତ ମଧ ଶ୍ରଦ୍ଧାର ସହିତ ଶୁଣିଲେ । ଏଠାରେ ଗୋଟିଏ କାହାଣୀ ଆସୁଛି ଯାହା ପ୍ରାସଙ୍ଗିକ ଥିଲା ।

ଶୁକଦେବ ରାଜା ପରୀକ୍ଷିତଙ୍କୁ ଭାଗବତ ଶୁଣାଇବାର ଛଅ ଦିନ ହୋଇ ଯାଇଥିଲା । ସାପ - ଦଂଶନରୁ ତାଙ୍କର ମୃତ୍ୟୁ ହେବା ଆଉ ଦିନଟିଏ ମାତ୍ର ରହି ଯାଇଥିଲା । ତେବେ ବି ରାଜାଙ୍କର ଶୋକ ଓ ମୃତ୍ୟୁ ଭୟ ଦୂର ହୋଇ ନ ଥିଲା । ମରଣର ସମୟ ନିକଟବର୍ତ୍ତୀ ହେଉଥିବାର ଦେଖି ସେ କାତର ଭାବରେ କ୍ଷୁବ୍ଧ ହୋଇ ଯାଉଥିଲେ ।

ଶୁକଦେବ ପରୀକ୍ଷିତଙ୍କୁ ଗୋଟେ କାହାଣୀ ଶୁଣାଇଲେ- 'ରାଜନ୍! ବହୁତ ବର୍ଷ ପୂର୍ବର କଥା । ଜଣେ ରାଜା ଶିକାର କରିବାକୁ ଜଙ୍ଗଲକୁ ଯାଇଥିଲେ । ଯୋଗକୁ ରାସ୍ତା ଭୁଲିଯାଇ ଘୋର ଜଙ୍ଗଲରେ ଯାଇ ପହଞ୍ଚିଲେ । ରାତି ହୋଇଗଲା । ବର୍ଷା ମଧ ହେଲା । ସିଂହ - ବାଘଙ୍କ ହେଣ୍ଟାଳ ଶୁଣାଗଲା । ରାଜା ଭାରି ଡରିଗଲେ ଏବଂ କୌଣସି ପ୍ରକାରେ ରାତି ବିତାଇବା ପାଇଁ ବିଶ୍ରାମର ସ୍ଥାନ ଖୋଜିବାରେ ଲାଗିଲେ । ଟିକେ ଦୂରରେ ତାଙ୍କୁ ଆଲୁଅ ଦେଖାଗଲା । ସେଠି ପହଞ୍ଚି ସେ ଜଣେ ଅପରିଷ୍କାର, ରୋଗଗ୍ରସ୍ତ ଶିକାରୀର କୁଡିଆ ଦେଖିଲେ । ସେ ଚାଲବୁଲ୍ କରିପାରୁ ନ ଥିଲା । ତେଣୁ କୁଡିଆର ଗୋଟିଏ ପାଖରେ ହିଁ ମଳମୂତ୍ର ତ୍ୟାଗ କରୁଥିଲା । ଖାଇବା ପାଇଁ କୁଡିଆର ଛାତରୁ ପଶୁ ମାଂସ ଝୁଲେଇ ରଖିଥିଲା । କୁଡିଆଟି ଥିଲା ଛୋଟ, ଅପରିଷ୍କାର, ଅନ୍ଧାରିଆ ଓ ଦୁର୍ଗନ୍ଧ ଯୁକ୍ତ । ପ୍ରଥମେ ତ ଠିଆ ହୋଇଗଲେ, କିନ୍ତୁ ଅନ୍ୟ କୌଣସି ଆଶ୍ରୟ ନ ଦେଖି ସେଠି ରହିବା ପାଇଁ ଶିକାରୀକୁ ପ୍ରାର୍ଥନା କଲେ । ଶିକାରୀ ତାଙ୍କୁ ବୁଝାଇଲା । 'ରାଜନ୍ !ଆପଣ ଏହି ଜାଗାରେ ରହି ପାରିବେ ନାହିଁ । କିନ୍ତୁ ଗୋଟେ ଦିନ ରହିଗଲେ ଏଥିରେ ଅଭ୍ୟସ୍ତ ହୋଇଯାଇ ଏ ଜାଗା ଛାଡି ବି ପାରିବେ ନାହିଁ । ରାଜା କହିଲେ - ଇଏ ତ ଆଜିକା ପାଇଁ । ମୁଁ ସକାଳେ ନିଶ୍ଚୟ ଚାଲିଯିବି । ଯାହା ହେବାକୁ ଥିଲା ତାହାହିଁ ହେଲା । ସକାଳେ ରାଜା ସେ ଜାଗାରୁ ଯିବାକୁ ମନା କରିଦେଲେ ।

ଏହି କାହାଣୀ କହିବା ମଝିରେ ପରୀକ୍ଷିତ କହିଉଠିଲେ 'ସେ ରାଜା କେଡେ ମୂର୍ଖ !' 'ଶୁକଦେବ କହିଲେ- ପରୀକ୍ଷିତ ! ତୁମେ ହିଁ ହେଉଛ ମୂର୍ଖ । ମଳ- ମୂତ୍ର ପୂର୍ଣ୍ଣ ଏଇ କୋଠରିଟିକୁ ଛାଡିବାକୁ ଡରୁଛ । ସମୟ ଚାଲିଗଲା ପରେ ବି ତୁମେ ଅସୁବିଧା ସୃଷ୍ଟି କରୁଛ । ପରୀକ୍ଷିତଙ୍କର ଜ୍ଞାନୋଦୟ ହେଲା ଏବଂ ବନ୍ଧନ ମୁକ୍ତି ପାଇଁ ସେ ସହର୍ଷ ପ୍ରସ୍ତୁତ ହୋଇଗଲେ ।

ପୁଷ୍ପ ଭିତରେ ଲୁକ୍କାୟିତ ଥିବା ତକ୍ଷକର ଦଂଶନ ଫଳରେ ପରୀକ୍ଷିତ ପରମ ମୁକ୍ତି ଲଭିଲେ । ସେହି ସମୟରୁ ଶ୍ରୀମଦ୍ ଭାଗବତ ପ୍ରଚଳିତ ହୋଇ ଆସୁଛି । ବର୍ତ୍ତମାନ ଯୁଗରେ ଅତି ବିଷମ ପରିସ୍ଥିତି ଦେଖା ଦେଇଛି । ଅନେକ ସ୍ଥାନରେ ଭାଗବତ କଥାର ଆୟୋଜନ ହେଉଥିବା ଦେଖାଯାଉଛି । ଅନେକ ପ୍ରବଚକ କିମ୍ବା ସନ୍ଥ ମହାତ୍ମା ଏହି ଆୟୋଜନରେ ପ୍ରବଚନ ଦେଉଛନ୍ତି । ଟିଭିରେ କହିବା ମଧ ଦେଖିବାକୁ ମିଳୁଛି । କିନ୍ତୁ ଏହି କଥାର ପ୍ରଭାବ ପଡୁ ନାହିଁ । ଏହାର କାରଣ ହେଉଛି, ପ୍ରବଚକ ଶୁକଦେବଙ୍କ ପରି ଆଦର୍ଶ ସ୍ଥାନୀୟ ବା ନିର୍ଲୋଭ ହୋଇ କଥା ଶୁଣାଉ ନାହାନ୍ତି ଓ ଶ୍ରୋତାଗଣ ପରୀକ୍ଷିତ ପରି ମୃତ୍ୟୁକୁ ସୁନିଶ୍ଚିତ ଜାଣି ସଂସାର ପ୍ରତି ପୂର୍ଣ୍ଣ ବିରକ୍ତ ହୋଇ କଥା ଶୁଣୁ ନାହାନ୍ତି । ଭାଗବତ କଥା ମୃତରେ ଭଗବାନଙ୍କ ଦିବ୍ୟଲୀଳାର ବର୍ଣ୍ଣନା ରହିଛି । ଏହାକୁ ଭାବରେ ସହିତ ଶ୍ରବଣ କରି ମନନ କରିବା ହେଉଛି ନବଧା ଭକ୍ତିର ଦ୍ୱିତୀୟ ପ୍ରସଙ୍ଗ ।

# ସର୍ବସ୍ୱ ସମର୍ପଣ ଦ୍ୱାରା...

ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ

ଯେଉଁଥି ପାଇଁ ଭଗବତ୍ ଚେତନା ଅନ୍ତର ଭିତରକୁ ପ୍ରବେଶ କରିପାରୁ ନାହିଁ । ଅହଂର ଅର୍ଥ ହେଉଛି, ବ୍ୟକ୍ତିର ଅନ୍ତରର ଭାବ ଯେ ସେ ହିଁ ସୃଷ୍ଟିର କେନ୍ଦ୍ର ବିନ୍ଦୁ । ଅନ୍ୟମାନେ ତା ସହିତ ସହଯୋଗ କରିବା ଉଚିତ ।

ଲୋକ ସେବକମାନଙ୍କୁ ସାଧନା କ୍ଷେତ୍ରରେ ପ୍ରବେଶ କରିଥିବା ସାଧକମାନଙ୍କୁ ବିନୋବା କହୁଥିଲେ, 'ଯଶ ଦାନ କର । 'ସେ କହୁଥିଲେ, ଆମେ ସମସ୍ତଙ୍କୁ ଦାନ ମାଗୁଛୁ, ଆମେ କ'ଣ ଅନ୍ୟକୁ କିଛି ଦାନ କରି ପାରିବା ନାହିଁ ? ଯେଉଁ କାର୍ଯ୍ୟ ଆମେ କରୁଛୁ, ନିଜେ ତା'ର ଯଶ ନ ନେଇ ଅନ୍ୟକୁ ଦେବା ଉଚିତ । 'ଶ୍ରୀରାମକୃଷ୍ଣ ପରମହଂସ କହୁଥିଲେ, 'ଯଦି ଅହଂକାର ପରିତ୍ୟାଗ କରି ପାରୁନାହିଁ, ସ୍ୱୟଂ ବ୍ରହ୍ମା ତୁମର ଗୁରୁ ହେଲେ ମଧ ସେ ତୁମର କଲ୍ୟାଣ କରି ପାରିବେ ନାହିଁ ।'

ହାନି ଲାଭ ନ ଦେଖି, ନାମ- ଯଶର ଆକାଂକ୍ଷା ନରଖି ସମର୍ପଣ କରାଯାଏ । ପୋଲା ବାଉଁଶ ଭିତରେ ଗଣ୍ଠି ହିଁ ବାଧକ ହାଇଥାଏ । ଗଣ୍ଠି ବାହାର କରିଦେବା ମାତ୍ରେ ତହିଁରୁ ସ୍ୱର ଉପ୍ନ ହେଲା ଏବଂ ଶ୍ରୀକୃଷ୍ଣଙ୍କ ଓଷ୍ଠାଧାର ସ୍ପର୍ଶ କରିବାର ସୌଭାଗ୍ୟ ତାକୁ ମିଳିଥିଲା । ଅହଂ ଅତ୍ୟନ୍ତ ସୂକ୍ଷ୍ମ, କିନ୍ତୁ ସକଳ ଆଧାତ୍ମିକ ପ୍ରଗତିକୁ ଅବରୁଦ୍ଧ କରିଦିଏ । ଅହଂ ବାଣୀର ମଧୁରତାର ମଧ ହୋଇପାରେ, ଲେଖନୀର, ପାଣ୍ଡିତ୍ୱର, ସିଦ୍ଧିର ଏବଂ ବୈରାଗ୍ୟର ମଧ ଅହଂକାର ହୋଇପାରେ । ପ୍ରତ୍ୟେକ ଦୃଷ୍ଟିରୁ ଅହଂ ହେଉଛି ବାଧକ । ଭକ୍ତି ଯୋଗର ପ୍ରଥମ ସୋପାନ ହେଉଛି ପରିତ୍ୟାଗ, ବିଲୋପ । ସମର୍ପିତ ସେବା ବିନା ଏ ସୃଷ୍ଟିରେ କୌଣସି ମହାନ୍ କାର୍ଯ୍ୟ କରିବା ସମ୍ଭବ ହୋଇନାହିଁ । ଅନ୍ତର୍ଜଗତ ଉପରେ ଦୃଷ୍ଟିପାତ କରି ଅହଂକାର ରୂପକ ନାଗକୁ ବିନାଶ କରିଦେବା ପ୍ରତ୍ୟେକ ସାଧକର ପ୍ରଥମ ଲକ୍ଷ୍ୟ ହେବା ଉଚିତ । ଏହା ଏକ କଷ୍ଟକର ସାଧନା କିନ୍ତୁ ସର୍ବସ୍ୱ ସମର୍ପଣ କଲେ ହିଁ ତ ସର୍ବସ୍ୱକୁ ପ୍ରାପ୍ତ କରାଯାଇ ପାରିବ । ଏହି ତଥ୍ୟକୁ ସ୍ମରଣ ରଖିଲେ ଏବଂ କବିରଙ୍କର ଏହି ପଦର ମର୍ମ ବୁଝିପାରିଲେ କୌଣସି କାର୍ଯ୍ୟ କଷ୍ଟସାଧ ହେବ ନାହିଁ । ସନ୍ଥ କବିର କହୁଛନ୍ତି -

ତୂଁ ତୂଁ କରତା ତୂଝ ଗୟା ମୁଝ ମେ
ରହା ନ ହୁଁ ।
ବାରୀ ଫେରି ବଲି ଗଈ ଜିତ୍
ଦେଖୌଁ ତିତ୍ ତୂ ?
ଜବ୍ ମୈଁ ଥା ତବ ହରି ନହିଁ ଅବ
ହରି ହୈଁ ମୈଁ ନାହିଁ ।
ପ୍ରେମ ଗଲୀ ଅତି ସାଁକରି ତା ମେଁ
ଦୁଇ ନ ସମାଇ ?

ଏହା ହେଉଛି ସମର୍ପଣର ପରାକାଷ୍ଠା । ଏହି ସ୍ତରରେ ଭକ୍ତ ଓ ଭଗବାନ୍ , ସାଧକ ଓ ଇଷ୍ଟଦେବ, ଶିଷ୍ୟ ଓ ଗୁରୁଙ୍କର ଚେତନା ପରସ୍ପର ସହିତ ଏକ ହୋଇଯାଏ ଏବଂ ତାପରେ ସାଧକ ସର୍ବସ୍ୱକୁ ଲାଭ କରିବାର ଅଧିକାର ପାଇଥାଏ ।

# ଶେଷ ପର୍ଯ୍ୟାୟରେ ସମଲେଶ୍ୱରୀ ସାଉଣ୍ଡ ଓ ଲାଇଟ୍ ପ୍ରକଳ୍ପର ନିର୍ମାଣ

ସମ୍ବଲପୁର : ଶେଷରେ ବହୁ ପ୍ରତୀକ୍ଷିତ ସମଲେଶ୍ୱରୀ ମନ୍ଦିରର ସାଉଣ୍ଡ ଏବଂ ଲାଇଟ୍ ପ୍ରକଳ୍ପର କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଉଭୟ ଲାଇଟ୍ ଏବଂ ସାଉଣ୍ଡର ପରୀକ୍ଷଣ କାମ ଆରମ୍ଭ ହୋଇଛି । ମନ୍ଦିର ପରିସରରେ ଲାଗିଥିବା ୭ଟି ଯାକ ପ୍ରୋଜେକ୍ଟରରୁ ବିଚ୍ଛୁରିତ ହେଉଥିବା ଲାଇଟ୍‌ର ସଠିକ ମାପଚୁପ କରାଯାଇଛି । ତେବେ ଏହି ପରୀକ୍ଷଣ ବେଳେ ସମଗ୍ର ମନ୍ଦିର ପରିସର ଝଲସି ଉଠିଛି ।

ପ୍ରାୟ ୩ ବର୍ଷ ତଳୁ ସମଲେଶ୍ୱରୀ ମନ୍ଦିରରେ କୋଣାର୍କ ଏବଂ ଧଉଳି ପରି ଶବ୍ଦ ଓ ଆଲୋକ ବ୍ୟବସ୍ଥା ଆରମ୍ଭ କରିବାକୁ ସ୍ଥିର ହୋଇଥିଲା । ଗତ ସାଧାରଣ ନିର୍ବାଚନ ପୂର୍ବରୁ ଏହି ପ୍ରକଳ୍ପ ସଂକ୍ରାନ୍ତରେ ନିଜେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଏଥିପାଇଁ ସାଢେ ୭ କୋଟି ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଥିଲା । ଏଥିରେ ମନ୍ଦିର ତଥା ସମ୍ବଲପୁରର ଗାରିମାମୟ ଇତିହାସ, ସାଂସ୍କୃତିକ ବିଭବ, ପର୍ଯ୍ୟଟନସ୍ଥଳୀ ସାଙ୍ଗକୁ ପଶ୍ଚିମ ଓଡିଶାର ସାଂସ୍କୃତିକ ଚିତ୍ରପଟକୁ ପ୍ରଦର୍ଶିତ କରିବାକୁ ଯୋଜନା ହୋଇଛି । ପୂର୍ବ ଯୋଜନା ଅନୁଯାୟୀ, ସମ୍ବଲପୁରର ଆଖପାଖର ପର୍ଯ୍ୟଟନ କେନ୍ଦ୍ରକୁ ପର୍ଯ୍ୟଟକଙ୍କୁ ବୁଲାଇବା ପାଇଁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପ୍ୟାକେଜ୍ କରିବାକୁ ଯୋଜନା ହୋଇଥିଲା । ଦିନତମାମ ପର୍ଯ୍ୟଟକ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥାନ ବୁଲିବା ପରେ ସନ୍ଧ୍ୟାରେ ମାଁ ସମଲେଶ୍ୱରୀଙ୍କ ଆଳତୀରେ ସାମିଲ ହେବା ସହ ପ୍ରସ୍ତାବିତ ଶବ୍ଦ ଓ ଆଲୋକ ସୋକୁ ଉପଭୋଗ କରିବେ ବୋଲି ଚିନ୍ତା କରାଯାଇଥିଲା ।

ତେବେ, ଏହି ପ୍ରକଳ୍ପକୁ ଗତବର୍ଷ ଜାନୁଆରୀ ମାସରୁ କାର୍ଯ୍ୟକାରୀ କରିବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । କିନ୍ତୁ, କରୋନା ଯୋଗୁଁ ଏଥିରେ ବିଳମ୍ବ ହୋଇଥିଲା । ପ୍ରଥମ ଲହର ପରେ ଏହାର ନିର୍ମାଣ କାମ ଆରମ୍ଭ ହୋଇଥିବା ବେଳେ ଇତିମଧ୍ୟରେ ଏହା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । କେଉଁ ସ୍ଥାନରୁ କେତେ ମାପରେ ଏବଂ କିଭଳି ଲାଇଟ୍ ପଡିବ ସେନେଇ ନିର୍ମାଣକାରୀ ସଂସ୍ଥାର ବିଶେଷଜ୍ଞମାନେ ଯାଞ୍ଚ ଚଲାଇଛନ୍ତି । ଏଥିରେ ମନ୍ଦିର ପରିସରର ଚାରିପଟରୁ ବିଭିନ୍ନ ଆଲୋକ ଦ୍ୱାରା ମନ୍ଦିର ଏବଂ ସମଗ୍ର ପରିସର ଝଲସି ଉଠିଛି । ମାଁଙ୍କ ବିଗ୍ରହ ଫଟୋକୁ ଆଲୋକ ମାଧ୍ୟମରେ ମନ୍ଦିର ବାହାରେ ଫୋକସ୍ କରାଯାଇଥିବା ବେଳେ ଏଠିକାର ସଂସ୍କୃତି ସଂପର୍କିତ ବିଭିନ୍ନ ଫଟୋ ଆଲୋକ ଦ୍ୱାରା ପ୍ରଦର୍ଶିତ ହୋଇଛି । ସେହିପରି ଏହାର ବର୍ଣ୍ଣନା ମଧ୍ୟ ସାଉଣ୍ଡ ସିଷ୍ଟମ୍ ଜରିଆରେ ଟ୍ରାଏଲ୍ କରାଯାଇଥିବା ଜଣାପଡିଛି । ଆଉ ଏହାର ପରୀକ୍ଷଣ କିଛି ଦିନ କରିବା ପରେ ଖୁବ୍ ଶୀଘ୍ର ଲୋକାର୍ପଣ କରିବାକୁ ଯୋଜନା ହୋଇଛି ।

# ରମ୍ଭେଲା ସେତୁ ଆଲୋକୀକରଣ ଲୋକାର୍ପିତ



ଝାରସୁଗୁଡ଼ା : ପଶ୍ଚିମ ଓଡ଼ିଶାର ଅନ୍ୟତମ ବୃହତ୍ତମ ସେତୁ ଇବ୍ (ରମ୍ଭେଲା) ସେତୁ ଆଲୋକିତ ହୋଇଛି । ସାଂସଦ ସୁରେଶ ପୂଜାରୀ ଓ ବିଧାୟକ କିଶୋର ମହାନ୍ତି ଏହାକୁ ଲୋକାର୍ପଣ କରିଛନ୍ତି । ଏଥିପାଇଁ ଜିଲ୍ଲା ଖଣିଜ ପାଣ୍ଠିରୁ ୮୨.୯୬ ଲକ୍ଷ ବ୍ୟୟ ଅଟକଳ ମଞ୍ଜୁର କରାଯାଇଥିଲା । ଆଲୋକି କରଣ କାର୍ଯ୍ୟକୁ ଏମଏସ୍ ସଂସ୍କୃତି ଆସୋସିଏଟ ପ୍ରାଇଭେଟ ଲିମିଟେଡ କାର୍ଯ୍ୟାଦେଶ ନେଇ ଚଳିତ ବର୍ଷ ଜାନୁଆରୀ ୧୨ ତାରିଖରୁ କାର୍ଯ୍ୟାରମ୍ଭ କରିଥିଲା । ମୋଟ ୧୧୫ ଟି ଲାଇଟ ଲାଗି ରାତିରେ ଝଲସି ଉଠିଛି ସେତୁ । ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ ନାଥ ପ୍ରମୁଖ ଉପସ୍ଥିତ ଥିଲେ । ପିଡି ଡିଆରଡିଏ ଶ୍ରୀ ମାଝୀଙ୍କ ସଭାପତିତ୍ୱରେ ବୈଠକରେ ସେତୁର ଆଲୋକିକରଣ ସାଙ୍ଗକୁ ଆଗକୁ ପର୍ଯ୍ୟଟନ ସ୍ଥଳୀ ରୂପ ଦେବାକୁ ପ୍ରୟାସ କରାଯିବା ସହିତ ଉଭୟ ପାର୍ଶ୍ୱର ୫ ଶହ ମିଟର ପର୍ଯ୍ୟନ୍ତ ଆଲୋକି କରଣ ଓ ପିକନିକ୍ ପାଇଁ ଭିତ୍ତିଭୂମି ନିର୍ମାଣ, ପର୍ଯ୍ୟଟକଙ୍କ ଆମୋଦ ପ୍ରମୋଦ ନିମନ୍ତେ ପାର୍କ, ପାନ୍ଥଶାଳା ଆଦି ନିର୍ମାଣ କରାଯିବା ନେଇ ଉପସ୍ଥିତ ଅତିଥିମାନେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଶାନ୍ତି ପଧାନ, ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ସାମଲ ନାଏକ, ରମ୍ଭେଲା ସରପଞ୍ଚ ରୀତାଞ୍ଜଳି ନାଏକ, ସମିତି ସଭ୍ୟା ସବିତା ପାଢ଼ୀ, ତିଲିଆ ସରପଞ୍ଚ ଠଣସୁନ୍ଦର ସାହୁ, ବନ୍ଧବାହାଲ ସରପଞ୍ଚ ରାଜେନ୍ଦ୍ର ନାଏକ ବିଜେଡି ରାଜ୍ୟ ମହିଳା ସମ୍ପାଦିକା ସୁଜାତା ଦିଗଲ, ଜିଲ୍ଲା ସଭାନେତ୍ରୀ ଜୟ କୁମାରୀ ପଟେଲ, ଉପସଭାପତି ଲକ୍ଷ୍ମୀ ବେହେରାଙ୍କ ସମେତ ଲଖନପୁର ବିଡିଓ ସଞ୍ଜୀବ ପଟେଲ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ ନାଥ, ବିଦ୍ୟୁତ୍ ବିଭାଗ ଏସଡିଓ ଏସ୍.ଏନ୍ ଓରାମ ସୁଶୀଲ ଗଡନାୟକ, କନିଷ୍ଠ ଯନ୍ତ୍ରୀ ଲୋକନାଥ ମାଝି, ଶାନ୍ତିମନି ଟପ୍ପୋ ପ୍ରମୁଖ ଉପସ୍ଥିତ ଥିଲେ ।

# ଆକାଶବାଣୀ ପକ୍ଷରୁ ଆଜାଦୀ କା ଅମୃତ୍ ମହୋତ୍ସବ କ୍ୱିଜ୍

ସମ୍ବଲପୁର : ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ ଅମୃତ ମହୋତ୍ସବ ପାଳନ କରାଯାଉଛି । ଏହି ଅବସରରେ ସମ୍ବଲପୁର ଆକାଶବାଣୀ କେନ୍ଦ୍ରର ସମାଚାର ବିଭାଗ ପକ୍ଷରୁ ବିଶେଷ କାର୍ଯ୍ୟକ୍ରମ କରାଯାଉଛି । 'ଦେଶର ସ୍ୱାଧୀନତା ଆନ୍ଦୋଳନରେ ପଶ୍ଚିମ ଓଡ଼ିଶାର ଅବଦାନ' ବିଷୟରେ ପ୍ରତି ସୋମବାର ଦିନ କ୍ୱିଜ୍ ପ୍ରତିଯୋଗିତା କରାଯାଉଛି । ସମ୍ବଲପୁର କେନ୍ଦ୍ରରୁ ସନ୍ଧ୍ୟା ୭ ଟା ୨ ମିନିଟରେ ପ୍ରସାରଣ ହେଉଥିବା ଆଞ୍ଚଳିକ ସମ୍ବାଦରେ ପ୍ରଶ୍ନ ପଚରା ଯାଉଛି । ଶ୍ରୋତାମାନେ ଇ-ମେଲ୍ କିମ୍ବା ୭୮୯-୪୫୨-୫୦୯୮ ନମ୍ବରକୁ ହ୍ୱାଟ୍ସ୍‌ଅପ୍ କରି ମଙ୍ଗଳବାର ଦିନର ୧୨ ଟା ପର୍ଯ୍ୟନ୍ତ ଉତ୍ତର ପଠେଇ ପାରିବେ । ପ୍ରଥମେ ସଠିକ ଉତ୍ତର ଦେଇଥିବା ଶ୍ରୋତାଙ୍କ ନାମ ମଙ୍ଗଳବାର ସନ୍ଧ୍ୟା ସମାଚାରରେ ପ୍ରସାରଣ କରାଯିବ । ବର୍ତ୍ତମାନ ସୁଦ୍ଧା ଅନୁଷ୍ଠିତ କ୍ୱିଜ୍ ପ୍ରତିଯୋଗିତାର ପ୍ରଥମ ବିଜେତା ବରଗଡ଼ ଜିଲ୍ଲା ଭେଡ଼େନର ଶଙ୍କର୍ଷଣ ସୁଶାରୀ ଓ ଦ୍ୱିତୀୟ ପ୍ରତିଯୋଗିତାର ବିଜେତା ସୁନ୍ଦରଗଡ଼ ଜିଲ୍ଲା ହାତୀବାରିର ଆଶିଷ ବିଲୁଙ୍ଗ ପ୍ରଥମେ ସଠିକ ଉତ୍ତର ଦେଇଛନ୍ତି । ବିଜେତାଙ୍କୁ ସାର୍ଟିଫିକେଟ ଏବଂ ଟ୍ରଫି ଦିଆଯାଉଛି । ଆସନ୍ତା ବର୍ଷେ ପର୍ଯ୍ୟନ୍ତ ଆଜାଦୀକା ଅମୃତ ମହୋତ୍ସବ କ୍ୱିଜ୍ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ଆକାଶବାଣୀ ପକ୍ଷରୁ ସୂଚନା ଦିଆଯାଇଛି ।

# ପୂର୍ତ୍ତ ବିଭାଗର ନୂଆ ଅଧୀକ୍ଷଣ ଯନ୍ତ୍ରୀ

ସମ୍ବଲପୁର : ସମ୍ବଲପୁର ସାର୍କିଲ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଥିବା ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟ ପଦୋନ୍ନତି ପାଇ ଅତିରିକ୍ତ ମୁଖ୍ୟମନ୍ତ୍ରୀ ଭାବେ ଭୁବନେଶ୍ୱରରେ ଯୋଗ ଦେଇଛନ୍ତି । ତାଙ୍କ ସ୍ଥାନରେ ଇଂ.ଗିରୀଶ ରାୟଙ୍କୁ ନୂଆ ଅଧୀକ୍ଷଣ ଯନ୍ତ୍ରୀ ଭାବେ ଅବସ୍ଥାପିତ କରାଯାଇଛି ।

# ସୋନପୁର ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟିର ସମୀକ୍ଷା ବୈଠକ

ସୋନପୁର : ସୋନପୁର ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟିର ସମୀକ୍ଷା ବୈଠକ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସୋନପୁର ମ୍ୟୁନସିପାଲିଟି, ତରଭା ଏନ.ଏ.ସି, ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନମଙ୍ଗଳ ଏବଂ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା । କମିଟିର ଆବାହକ ତଥା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଡୋଲାମଣି ପଟେଲ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଆଭିମୁଖ୍ୟ ସମ୍ବନ୍ଧରେ ଅବଗତ କରାଇଥିଲେ । ଜିଲ୍ଲାପାଳ ଅବୋଲୀ ସୁନିଲ ନରୱଣେ ଜିଲ୍ଲାର ସମସ୍ତ ବିକାଶମୂଳକ କାର୍ଯ୍ୟ ଗୁଡିକୁ ଧାର୍ଯ୍ୟ ସମୟ ମଧରେ ଅତିଶୀଘ୍ର ସମ୍ପନ୍ନ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଜନକଲ୍ୟାଣକାରୀ ଯୋଜନା ଯଥା ମଧୁବାବୁ ପେନସନ ଯୋଜନା, ବାର୍ଦ୍ଧକ୍ୟ ଏବଂ ବିଧବା ଭତ୍ତା ଇତ୍ୟାଦିରେ ହିତାଧିକାରୀଙ୍କ ମୃତ୍ୟୁ ଯୋଗୁଁ ଖାଲି ହେଉଥିବା ସ୍ଥାନ ସବୁ ଅଗ୍ରାଧିକାର ଭିତ୍ତିରେ ପୂରଣ କରିବା ପାଇଁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଏବଂ ବିଡିଓ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମନ୍ତ୍ରୀ ଶ୍ରୀ ପୂଜାରୀ ବିଭିନ୍ନ ବିଭାଗରେ ଚାଲିଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରି ନିର୍ଦ୍ଦିଷ୍ଟ ସମୟ ସୀମା ମଧରେ ଅନୁଦାନ ରାଶିର ଉପଯୋଗ କରି ସବୁ ପ୍ରକଳ୍ପ ସମାପ୍ତ କରିବା ପାଇଁ ଯତ୍ନଶୀଳ ହେବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଗ୍ରାମାଞ୍ଚଳ ଗୁଡିକରେ ପିଇବା ପାଣି ଯୋଗାଣ ନିମନ୍ତେ ଆର ଡବ୍ଲୁ ଏସ.ଏସ୍. ବିଭାଗ ତରଫରୁ ଖୋଳା ଯାଇଥିବା ରାସ୍ତାକୁ ତୁରନ୍ତ ଆବଶ୍ୟକ ମରାମତି ପାଇଁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନୂତନ ଉଠା ଜଳସେଚନ ପ୍ରକଳ୍ପ ଗୁଡିକର ଶୀଘ୍ର କାର୍ଯ୍ୟଶେଷ କରିବା ତଥା ଅଚଳ ପ୍ରକଳ୍ପ ଗୁଡିକ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକ୍ଷମ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ଗମନାଗମନ ଇତ୍ୟାଦି ସମସ୍ତ ବିଭାଗର କାର୍ଯ୍ୟାବଳି ତଥା ଅଗ୍ରଗତିର ସମୀକ୍ଷା କରାଯାଇଥିଲା । ଅନ୍ୟାନ୍ୟମାନଙ୍କ ମଧରେ ଉପଜିଲ୍ଲାପାଳ ସୋନପୁର ଶ୍ରୀ ନିହାର ରଞ୍ଜନ କହଁର, ଉପ ନିର୍ଦ୍ଦେଶକ ଯୋଜନା ଓ ସମନ୍ୱୟ ଶ୍ରୀ ସୁକାନ୍ତ କୁମାର ଜେନା, ବିଭିନ୍ନ ବିଭାଗର ପଦାଧିକାରୀ, ବ୍ଲକ ଅଧକ୍ଷା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।


## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ସମ୍ବଲପୁରରେ ସଦାଫଳ ଦେବଙ୍କ ଜୟନ୍ତୀ ପାଳିତ






ସମ୍ବଲପୁର: ବିହଙ୍ଗମ ଯୋଗର ପ୍ରତିଷ୍ଠାତା ସ୍ୱାମୀ ସଦାଫଳ ଦେବଙ୍କର ୧୩୪ ତମ ଜୟନ୍ତୀ ପାଳିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏମ.ସି.ଏଲର ନିର୍ଦ୍ଦେଶକ ଶ୍ରୀ ବବନ ସିଂ ଓ ବିହଙ୍ଗମ ଯୋଗର ଓଡ଼ିଶାର ମୁଖ୍ୟ ପ୍ରଚାରକ ପରମାନନ୍ଦ ବିଶ୍ୱକର୍ମା ଏଥିରେ ଯୋଗ ଦେଇ ବିହଙ୍ଗମ ଯୋଗ ଉପରେ ଭାଷଣ ଦେଇଥିଲେ । ଏହି ଅବସରରେ ୧୧ କୁଣ୍ଡୀୟ ଯଜ୍ଞ ମଧ୍ୟ ଅନୁଷ୍ଠିତ ହୋଇଥିଲା । ବନାରସ ଆଶ୍ରମରୁ ଆସିଥିବା ପଣ୍ଡିତ ଅନୀଲ ମିଶ୍ର ଓ ବିନୋଦ ପ୍ରଜାପତି ଯଜ୍ଞ ପରିଚାଳନା କରିଥିଲେ । ଶ୍ରୀମତୀ ଅନାମିକା ପଣ୍ଡା ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସଞ୍ଜୟ କୁମାର ପଣ୍ଡା, ଲଳିତ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ । ରାଉରକେଲା, ବ୍ରଜରାଜନଗର, ଝାରସୁଗୁଡ଼ା ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ଭକ୍ତବୃନ୍ଦ ଏଥିରେ ଯୋଗ ଦେଇଥିଲେ । ଅନ୍ୟାନ୍ୟ ମାନଙ୍କ ମଧ୍ୟରେ ବିହାରୀ ଲାଲ ପନ୍‌ସାରି, ଜ୍ଞାନ ପ୍ରକାଶ ଅଗ୍ରୱାଲ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ ।

## ଗୀତିକାର ବିନୋଦ ପଶାୟତ ପାଇବେ ସଂଗୀତ ନାଟକ ଏକାଡେମୀ ପୁରସ୍କାର

ସମ୍ବଲପୁର : ପ୍ରସିଦ୍ଧ ଗୀତିକାର, ନାଟ୍ୟକାର ତଥା କବି ବିନୋଦ ପଶାୟତ ବର୍ଷ ୨୦୧୯ ପାଇଁ ସଂଗୀତ ନାଟକ ଏକାଡେମୀ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଶ୍ରୀ ପଶାୟତ ଗୀତି କବିତା ପାଇଁ 'ସାରଦା ପ୍ରସନ୍ନ ସମ୍ମାନ'ରେ ସମ୍ମାନିତ ହେବେ । ଏ ବାବଦରେ ଏକାଡେମୀ ଅଢ଼େଇ ଲକ୍ଷ ଟଙ୍କା ଅର୍ଥରାଶି ତାଙ୍କୁ ଦେବ । ଆସନ୍ତା ୩୦ ତାରିଖରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ହେବାକୁ ଥିବା ଏକାଡେମୀର ସମ୍ମାନ ସମାରୋହରେ ସେ ପୁରସ୍କୃତ ହେବେ ।



ଶ୍ରୀ ପଶାୟତ ୧୯୩୫ ମସିହାରେ ବଲାଙ୍ଗୀର ସହରରେ ଜନ୍ମଗ୍ରହଣ କରିଥିଲେ । ବାରିକ ପରିବାରରେ ଜନ୍ମିତ ଶ୍ରୀ ପଶାୟତ ଦାରିଦ୍ର୍ୟ ଯୋଗୁଁ ତାଙ୍କ ବାପାଙ୍କ କୌଳିକ ବୃତ୍ତିରେ ସହାୟତା କରିବାକୁ ସପ୍ତମ ଶ୍ରେଣୀରୁ ପାଠପଢ଼ାରେ ଡୋରି ବାନ୍ଧିଥିଲେ । ହେଲେ ସାହିତ୍ୟ ପ୍ରତି ପ୍ରଗାଢ଼ ଅନୁରକ୍ତି ଯୋଗୁଁ ସେ ୧୯୫୩ ମସିହାରେ ସମ୍ବଲପୁରକୁ ଚାଲି ଆସିଥିଲେ । ଏଠାରେ ବର୍ଷିଆନ ସଂସ୍କୃତିପ୍ରେମୀ ମୁରାରୀ ପ୍ରସାଦ ମିଶ୍ରଙ୍କ ସଂସ୍ପର୍ଶରେ ତଥା ପ୍ରୋତ୍ସାହନରେ ସେ ଏଠାରେ ତାଙ୍କର ସାରସ୍ୱତ ସାଧନା ଆରମ୍ଭ କରିଥିଲେ । ହେଲେ ବରିଷ୍ଠ ସଂଗୀତଜ୍ଞ ଅରୁଣ ପ୍ରସନ୍ନ ସେଠଙ୍କ ସହାୟତାରେ ଗୋଟିଏ ପରେ ଗୋଟିଏ ସମ୍ବଲପୁରୀ ଗୀତ ରଚନା କରିବାକୁ ଲାଗିଥିଲେ । ଆଉ ପ୍ରତିଟି ଗୀତ ହୃଦୟର କୋଣକୁ ସ୍ପର୍ଶ କରିପାରୁଥିବାରୁ ତାହା ଆକାଶବାଣୀରୁ ଆରମ୍ଭ କରି ପ୍ରତିଟି ମଞ୍ଚରେ ଅଭୂତପୂର୍ବ ଲୋକପ୍ରିୟତା ସାଉଁଟି ପାରିଥିଲା ।

ଇତିମଧ୍ୟରେ ବହୁ ନାଟକ, ଗୀତି କବିତା, କବିତା ଆଦି ରଚନା କରିସାରିଥିବା ଶ୍ରୀ ପଶାୟତଙ୍କୁ କିନ୍ତୁ, 'ମୁଇଁ ନାଇଁ ମରେଁ...' ନାଟକ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା । ତାଙ୍କ ରଚିତ ଶତାଧିକ ଗୀତ ଆକାଶବାଣୀରେ ପ୍ରସାରିତ ହୋଇ ଅନେକ ପ୍ରସିଦ୍ଧି ଗୋଟାଇ ସାରିଛି । ସେହିପରି ତାଙ୍କ ରଚିତ ପ୍ରସିଦ୍ଧ କୃଷ୍ଣଗୁରୁ ଭଜନ 'ହାଏକୃଷ୍ଣ କୃଷ୍ଣ ବୋଲି ଯାଉ ମୋର ଜୀବନ...', 'ଗଲା ରାତି ଝୁମୁରା ସୁରେଁ...', 'ଫୁଲ ଗଜରା କଲା ମତେ ବାଇ...' 'ସରବ୍ ସହିନୀ ମାଁ...' ଆଦି ପ୍ରସିଦ୍ଧ ଗୀତକୁ ପ୍ରଖ୍ୟାତ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ସ୍ୱର୍ଗତ ଫକୀର ପଟ୍ଟନାୟକ ଏବଂ ସୁଷମା ମିଶ୍ର ଭଳି କଣ୍ଠଶିଳ୍ପୀ ଗାଇ ଅନେକ ପ୍ରଶଂସା ସାଉଁଟିଛନ୍ତି ।

ବର୍ତ୍ତମାନ ୯୨ ବର୍ଷରେ ବି ସେ ବେଶ୍ ଚଳଚଞ୍ଚଳ । ବ୍ୟକ୍ତିଗତ ଜୀବନରେ ଅନେକ ପାରିବାରିକ ଝଡଝଞ୍ଜା ମଧ୍ୟରେ ସେ ତାଙ୍କ ସାରସ୍ୱାତ ସାଧନାରୁ କେବେ ବି ବିଚ୍ୟୁତ ହୋଇନାହାନ୍ତି । ଏପରିକି ବର୍ତ୍ତମାନ ସୁଦ୍ଧା ସେ ତାଙ୍କ କୌଳିକ ବୃତ୍ତି ପାଇଁ ସମ୍ବଲପୁର ସହରର ବୈଦ୍ୟନାଥ ଛକରେ ଥିବା ସେଲୁନ୍‌ରେ ନିଜକୁ ନିୟୋଜିତ ରଖିଛନ୍ତି । ସେହି ସେଲୁନ୍ ପାଲଟିଛି ତାଙ୍କ ଉଭୟ ସାଧନାର କର୍ମପୀଠ । ଇତିମଧ୍ୟରେ ତାଙ୍କର ସାରସ୍ୱତ ସାଧନା ପାଇଁ ବହୁ ପୁରସ୍କାର ଅଜାଡି ହୋଇ ପଡିଛି । ଗତ ୨୦୦୮ରେ ତାଙ୍କୁ ରାଜ୍ୟ ସରକାର ସମ୍ମାନଜନକ ସାରଳା ପୁରସ୍କାରରେ ସମ୍ମାନିତ କରିସାରିଥିଲେ ।

## ୮୬ ବର୍ଷରେ ପଦାର୍ପଣ କଲେ ଅର୍ଜୁନ ପଣ୍ଡା



ସମ୍ବଲପୁର : ବରିଷ୍ଠ ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡା ଗତ ୨୮ ତାରିଖ ଦିନ ୮୬ ବର୍ଷରେ ପଦାର୍ପଣ କରିଛନ୍ତି । ଏହି ଅବସରରେ ଶ୍ରୀ ପଣ୍ଡାଙ୍କୁ ତାଙ୍କର ବହୁ ଶୁଭେଚ୍ଛୁ ତଥା ସାମ୍ବାଦିକ ଜଗତର ଅଭିନନ୍ଦନ ଜଣାଇ ତାଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ ।

## ଗଜେନ୍ଦ୍ର ମହାନ୍ତିଙ୍କୁ 'ସାମ୍ବାଦିକ ଗୌରବ ସମ୍ମାନ'

ଝାରସୁଗୁଡ଼ା : ବରିଷ୍ଠ ସାମ୍ବାଦିକ ଗଜେନ୍ଦ୍ର ମହାନ୍ତିଙ୍କୁ ନିଶିଗନ୍ଧା ଭାଷା ପ୍ରତିଷ୍ଠାନର ରାଜ୍ୟ ସଙ୍ଗଠନ ସମ୍ପାଦକ କୈଳାସ ଚନ୍ଦ୍ର ପଟ୍ଟନାୟକ



'ସାମ୍ବାଦିକ ଗୌରବ ସମ୍ମାନ' ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି । ଗତ ଅଗଷ୍ଟ କ୍ରାନ୍ତି ଦିବସରେ ଭାଷା ପ୍ରତିଷ୍ଠା ପକ୍ଷରୁ ଆୟୋଜିତ ଏକ ସମାରୋହରେ ଏହି ଘୋଷଣା କରାଯିବା ପରେ ଶ୍ରୀ ପଟ୍ଟନାୟକ ବେଲପାହାଡ଼ ଆସି ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ବରିଷ୍ଠ ସାମ୍ବାଦିକ ଶ୍ରୀ ମହାନ୍ତି ଦୀର୍ଘ ୬୫ ବର୍ଷରୁ ଅଧିକ କାଳ ଧରି ନିରବଚ୍ଛିନ୍ନ ଭାବେ ନିଜ କଲମ ଚାଳନା କରି ଆସୁଥିବାରୁ ତାଙ୍କୁ ପ୍ରଶଂସା କରିବା ସହ ପ୍ରଭୁ ଜଗନ୍ନାଥଙ୍କ ଠାରେ ତାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ ।

## ପୁନଃ ପ୍ରକାଶ ପାଇଲା 'ମେହେର ପ୍ରଦୀପ'



ସମ୍ବଲପୁର : ଦୀର୍ଘ ଚାରି ଦଶନ୍ଧି ପରେ ପୁଣି ଥରେ ଆତ୍ମପ୍ରକାଶ କରିଛି ପତ୍ରିକା 'ମେହେର ପ୍ରଦୀପ' । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଏହି ପତ୍ରିକା ଦୀର୍ଘ ୪ ଦଶନ୍ଧି ତଳେ ତତ୍କାଳୀନ ଅଧ୍ୟକ୍ଷ ପ୍ରଫେସର ମାୟାଧର ମାନସିଂହଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ହେଲେ କିଛି ବର୍ଷ ପରେ ଏହା ବନ୍ଦ ହୋଇ ଯାଇଥିଲା । ତେବେ ଚଳିତ ବର୍ଷ ଗଙ୍ଗାଧରଙ୍କ ଜୟନ୍ତୀରେ ପୁଣି ଥରେ ଏହା ଆତ୍ମପ୍ରକାଶ କରିଛି । କୁଳପତି ପ୍ରଫେସର ଏନ୍. ନାଗାରାଜୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଗଙ୍ଗାଧର ମେହେର ବକ୍ତୃତାମାଳାର ଶୁଭାରମ୍ଭ ହୋଇଛି । ଏଥିରେ କେବଳ ମେହେର ସାହିତ୍ୟ ଉପରେ ଅନେକ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ତେବେ ଏହାର ପ୍ରଥମ ବକ୍ତୃତାମାଳାରେ 'ଦେବୀ, ନାରୀ ଅର୍ଥଭେଦର ଅନ୍ତରାଳ: ତପସ୍ୱିନୀ ଏକ ପୁନର୍ପାଠ' ଶୀର୍ଷକ ଉପରେ ଆଲୋଚନା ହୋଇଥିଲା । ଏଥିରେ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ ଡକ୍ଟର ହରପ୍ରସାଦ ଦାସ ମୁଖ୍ୟବକ୍ତା ଭାବେ ଭର୍ଚୁଆଲ ମାଧ୍ୟମରେ ଯୋଗ ଦେଇଥିଲେ ।

ଏହି ଅବସରରେ କୁଳପତି ପ୍ରଫେସର ନାଗାରାଜୁ ମେହେର ପ୍ରଦୀପକୁ ଉନ୍ମୋଚନ କରିଥିଲେ । କୁଳସଚିବ ଯୁଗଳେଶ୍ୱରୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଭୀମ ଭୋଇ ଚେୟାରର ମୁଖ୍ୟ ଡକ୍ଟର ପ୍ରଦୀପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ମହିଳା ମହାବିଦ୍ୟାଳୟ ସଂସ୍କୃତ ବିଭାଗର ବାର୍ଷିକ ସମାରୋହ

ସମ୍ବଲପୁର : ସ୍ଥାନୀୟ ମହିଳା ମହାବିଦ୍ୟାଳୟ ସଂସ୍କୃତ ବିଭାଗର ବାର୍ଷିକ ସମାରୋହ ପାଳିତ ହୋଇଛି । ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ହିନ୍ଦୀ ବିଭାଗ ମୁଖ୍ୟ ଡକ୍ଟର ଜୟନ୍ତ କୁମାର କରଶର୍ମାମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହାସହ ଅର୍ଥନୀତି ପ୍ରାଧାପକ ଡକ୍ଟର ଉମାଶଙ୍କର ଦାଶ ସମ୍ମାନିତ ଅତିଥି ଓ ସଂସ୍କୃତ ବିଭାଗର ଅଧାପକ ରାଜକିଶୋର ମିଶ୍ର, ଯୋଗେଶ ଚନ୍ଦ୍ର ଭୋଇ ଏବଂ ଅଧାପିକା ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ ଯୋଗ ଦେଇଥିଲେ ।



## ସମର୍ଥ ଭାରତ ଗ୍ୟାସ ପରିସରରୁ ଉଜ୍ଜ୍ୱଳା ଯୋଜନା ୨.୦ର ଶୁଭାରମ୍ଭ




ସମ୍ବଲପୁର : ପଡିଆବାହାଲ ସମର୍ଥ ଭାରତ ଗ୍ୟାସ ପରିସରରୁ ଉଜ୍ଜ୍ୱଳା ଯୋଜନା ୨.୦ ଶୁଭାରମ୍ଭ କରାଯାଇଛି । ଏଥିରେ ଏଲପିଜିର ପୂର୍ବ କ୍ଷେତ୍ରୀୟ ପ୍ରବନ୍ଧକ ଅନୁରାଗ ମିତ୍ତଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୧୫ ଜଣ ହିତାଧିକାରୀଙ୍କୁ ଗ୍ୟାସ ସଂଯୋଗ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ ଭାରତ ଗ୍ୟାସର କ୍ଷେତ୍ରୀୟ ପ୍ରବନ୍ଧକ ଅରୁଣବ ବିଶ୍ୱାସ, ବିକ୍ରୟ (ସେଲ୍ସ) ବିଭାଗ ମୁଖ୍ୟ ମହମ୍ମଦ ଅବୁ ବକର ମଲ୍ଲିକ ଓ ସମର୍ଥ ଭାରତ ଗ୍ୟାସର ସତ୍ତ୍ୱାଧିକାରୀ ମୋହିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଅଧିକାରୀ ମାନେ ହିତାଧିକାରୀମାନଙ୍କ ସହ ମତ ବିନିମୟ କରିଥିଲେ ।




Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra